ସାପ୍ତାହିକ
ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 48 | 30 November - 06 December 2025 | Sambalpur | Pages- 8 | Invitation Price Rs.10

# ପ୍ରଶାସନିକ ସେବା ଅଧିକାରୀମାନେ ନମ୍ରତା, ସାଧୁତା ଓ ଉଦ୍ଦେଶ୍ୟ ସହିତ ସେମାନଙ୍କର କାର୍ଯ୍ୟକୁ ସ୍ଥିର କରିବା ଆବଶ୍ୟକ : ଡକ୍ଟର ପି.କେ. ମିଶ୍ର

ନୂଆଦିଲ୍ଲୀ: ବିକଶିତ ଭାରତ ଯାତ୍ରାର କେନ୍ଦ୍ରରେ ରହିଥିବା ପ୍ରଶାସନିକ ସେବା ଅଧିକାରୀମାନେ ନମ୍ରତା, ସାଧୁତା ଓ ଉଦ୍ଦେଶ୍ୟ ସହିତ ସେମାନଙ୍କର କାର୍ଯ୍ୟକୁ ସ୍ଥିର କରିବା ଆବଶ୍ୟକ । ସେମାନେ ନାଗରିକଙ୍କ ଭଳି ତଥ୍ୟ ସହ ମଧ ଅନୁରୂପ ଭାବେ ଜଡ଼ିତ ରହିବା ଉଚିତ୍ । ପ୍ରଶାସନିକ ଦକ୍ଷତା ସହିତ ନୈତିକ ବିଚାରକୁ ସନ୍ତୁଳିତ କରିବା ଆବଶ୍ୟକ ଏବଂ ନେତୃତ୍ୱ ନେବା ସମୟରେ ମଧ ନିରନ୍ତର ପ୍ରଶିକ୍ଷଣ ହାସଲ କରିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର କହିଛନ୍ତି ।

ୟୁପିଏସସିର ଶତାବ୍ଦୀ ସମ୍ମେଳନ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ଅଧିବେଶନରେ ଉଦ୍‌ବୋଧନ ଦେଇ ଡକ୍ଟର ମିଶ୍ର କହିଛନ୍ତି ଯେ, ବିଗତ ୧୦୦ ବର୍ଷ ଧରି ୟୁପିଏସସି ଦେଶର ସବୁଠାର ସମ୍ମାନିତ ସାମ୍ବିଧାନିକ ସଂସ୍ଥା ଭାବରେ ମର୍ଯ୍ୟାଦା ଏବଂ ଭରସାଯୋଗ୍ୟତା ବଜାୟ ରଖିବା ସହିତ ଯୋଗ୍ୟତା, ନିରପେକ୍ଷତା, ଉତ୍କର୍ଷତା ଏବଂ ବିଶ୍ୱସନୀୟତାକୁ ବଜାୟ ରଖିଛି । ଭାରତର ବିବିଧତା ପରିଧିରୁ ଆସିଥିବା ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ପିଢ଼ି ପ୍ରାୟତଃ ସ୍ୱୀକୃତି ବିନା କର୍ତ୍ତବ୍ୟ, ନିରପେକ୍ଷତା ଏବଂ ରାଷ୍ଟ୍ର ସେବାର ଆଦର୍ଶକୁ ଆଗକୁ ବଢ଼ାଇଛନ୍ତି, ଅନୁଷ୍ଠାନ ଗଢ଼ିଛନ୍ତି, ସ୍ଥିରତା ରକ୍ଷା କରିଛନ୍ତି, ସଂସ୍କାର କାର୍ଯ୍ୟକାରୀ କରିଛନ୍ତି ଏବଂ ସାମ୍ବିଧାନିକ ନୈତିକତାକୁ ବଜାୟ ରଖିଛନ୍ତି ।

ଡକ୍ଟର ମିଶ୍ର କହିଥିଲେ ଯେ, ବର୍ଷ ପରେ ବର୍ଷ ବିତିବା ସହିତ ପ୍ରଶାସନିକ ସେବାର ଭୂମିକା ପରିବର୍ତ୍ତିତ ହେଉଛି । ସ୍ୱାଧୀନତା ପୂର୍ବରୁ ଏବଂ ତା'ପରେ ପ୍ରଶାସନ ପ୍ରାୟତଃ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ରାଜସ୍ୱ ସଂଗ୍ରହ କରିବାରେ ସୀମିତ ଥିଲା । ସ୍ୱାଧୀନତା ପରେ ପ୍ରାରମ୍ଭିକ ଦଶନ୍ଧିଗୁଡ଼ିକରେ, ବିକାଶ ଯୋଜନା, ବିଭିନ୍ନ ପ୍ରତିଷ୍ଠାନ, ଶିଳ୍ପ କ୍ଷମତା ଏବଂ ମୌଳିକ ସେବାର ଭିତ୍ତିଭୂମି ନିର୍ମାଣ ଉପରେ ଏହାର ଭୂମିକା କେନ୍ଦ୍ରିତ ଥିଲା । ପ୍ରଯୁକ୍ତିବିଦ୍ୟାର ଅଭ୍ୟୁଦୟ, ସହରୀକରଣ, ଜଳବାୟୁ ଆହ୍ୱାନ ଏବଂ ବାରମ୍ବାର ବିପର୍ଯ୍ୟୟ ସରକାରୀ କର୍ମଚାରୀଙ୍କ ଦାୟିତ୍ୱକୁ ନୂଆ ରୂପ ଦେଇଛି । ଆଜିର ପ୍ରଶାସନରେ ପଦାନୁକ୍ରମ ଅପେକ୍ଷା ଅଧିକ ସହଯୋଗର ଆବଶ୍ୟକତା ରହିଛି । ଗତ ଦଶନ୍ଧିରେ ଏକ ସମ୍ପୂର୍ଣ୍ଣ ଭିନ୍ନ ପରିବର୍ତ୍ତନ ଘଟିଛି ବୋଲି ସେ କହିଥିଲେ ।

ଡକ୍ଟର ମିଶ୍ର ପୁଣି କହିଥିଲେ ଯେ, ବର୍ତ୍ତମାନ ପ୍ରକ୍ରିୟା ଅନୁପାଳନରୁ ସେବା ବିତରଣର ପରିଣାମ, କ୍ରମିକ ଉନ୍ନତିରୁ ଦ୍ରୁତ ରୂପାନ୍ତରଣ, ସଂକୀର୍ଣ୍ଣ ସରକାରୀ ବିଭାଗରୁ ଆନ୍ତଃପରିଚାଳିତ ଡିଜିଟାଲ ଭିତ୍ତିଭୂମି ଏବଂ ନାଗରିକଙ୍କୁ ସେବା ବିତରଣ ସ୍ଥିତିରୁ ଜନଭାଗିଦାରୀ ଜରିଆରେ ନାଗରିକଙ୍କୁ ଅଂଶୀଦାର କରିବା ସ୍ଥିତି ପର୍ଯ୍ୟନ୍ତ ପ୍ରତ୍ୟାଶାଗୁଡ଼ିକ ବଦଳି ଯାଇଛି । ଏହି ପରିବର୍ତ୍ତନ ଡିଜିଟାଲ୍ ପେମେଣ୍ଟ, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଦକ୍ଷତା, ଟିକସ, ସହରାଞ୍ଚଳ ପ୍ରଶାସନ



ଏବଂ ଗ୍ରାମୀଣ ବିକାଶ ଭଳି କ୍ଷେତ୍ରଗୁଡ଼ିକରେ ଦୃଶ୍ୟମାନ ହେଉଛି । ବର୍ତ୍ତମାନ ଏହା ସେହିସବୁ ଫ୍ରଣ୍ଟିୟର ଇଲାକାକୁ ପ୍ରସାରିତ ହେଉଛି ଯେଉଁଠି ଭାରତ ବିଶ୍ୱସ୍ତରୀୟ ନେତୃତ୍ୱ ଚାହୁଁଛି । ଏସବୁ କ୍ଷେତ୍ରରେ କ୍ୱାଣ୍ଟମ୍ ପ୍ରଯୁକ୍ତି, ମହାକାଶ ଉଦ୍ଭାବନ, ନୀଳ ଓ ସବୁଜ ଅର୍ଥବ୍ୟବସ୍ଥା ସାମିଲ ରହିଛି ।

ଡକ୍ଟର ମିଶ୍ର କହିଥିଲେ, ଭାରତ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ରର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି । ପ୍ରଯୁକ୍ତି-ବିଦ୍ୟା, ଯୋଗାଣ ଶୃଙ୍ଖଳ, ତଥ୍ୟ, ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ମହାକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ପରିପୂର୍ଣ୍ଣ ରଣନୈତିକ ପ୍ରତିଯୋଗିତା ସହିତ ବିଶ୍ୱ ଅଧିକ ଆନ୍ତଃସଂଯୁକ୍ତ ଏବଂ ଅସ୍ଥିର ହେଉଛି । ପ୍ରଶାସନିକ ଅଧିକାରୀମାନେ ଅନିଶ୍ଚିତତାର ପରିଚାଳକ, ଜଟିଳତାର ବ୍ୟାଖ୍ୟାକାରୀ ଏବଂ ଭାରତର ରଣନୀତିକ ସ୍ୱାର୍ଥର ରକ୍ଷକ । ସେମାନଙ୍କର ପ୍ରସ୍ତୁତି ସେମାନଙ୍କୁ କିପରି ଚୟନ କରାଯାଉଛି ସେଠାରୁ ଆରମ୍ଭ ହେବା ଉଚିତ୍ । ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନର ଗତି ଅନୁକୂଳ ନିୟାମକ ବ୍ୟବସ୍ଥାକୁ ପଛରେ ପକାଇ ଦେଇଛି । ଏଆଇ, ସିନଥେଟିକ୍ ଜୀବବିଜ୍ଞାନ, ରୋବୋଟିକ୍ସ ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ କ୍ଷେତ୍ରରେ ସଫଳତା ପାଇଁ ବୌଦ୍ଧିକ ଚପଳତା, ନୈତିକ ଆଧାର ଏବଂ ଉଦ୍ଭାବକ ଏବଂ ବୈଜ୍ଞାନିକମାନଙ୍କ ସହିତ ସମାନ ଭାବରେ ଜଡିତ ହେବାର କ୍ଷମତା ଆବଶ୍ୟକ ।

ସେ ଉଲ୍ଲେଖ କରିଥିଲେ ଯେ, ଭାରତର ବିକାଶ ପଥ ଇନପୁଟ୍-ଚାଳିତ ଅଭିବୃଦ୍ଧିରୁ କ୍ଷମତା-ଚାଳିତ ଅଭିବୃଦ୍ଧି ଆଡ଼କୁ ପରିବର୍ତ୍ତିତ ହେଉଛି । ଫଳାଫଳ, ଦାୟିତ୍ୱ, ପରୀକ୍ଷଣ ଏବଂ ତୃଣମୂଳ ସ୍ତରରେ ପ୍ରକୃତ ପରିବର୍ତ୍ତନ ଦ୍ୱାରା ସଫଳତା ମାପ କରାଯିବା ଉଚିତ । ୟୁପିଏସସି ନିଶ୍ଚିତ ଭାବରେ ବିଚାର, ନମନୀୟତା ଏବଂ ଜୀବନବ୍ୟାପୀ ଶିକ୍ଷା କ୍ଷମତା ଥିବା ବ୍ୟକ୍ତିମାନଙ୍କୁ ଚୟନ କରିବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରତିଭା ପାଇଁ ଉଦୀୟମାନ ବିଶ୍ୱ ପ୍ରତିଯୋଗିତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ଭାରତର ପ୍ରଶାସନିକ ସେବା ସର୍ବୋତ୍ତମ ପ୍ରତିଭାଙ୍କ ପାଇଁ ଚୁମ୍ବକ ହୋଇ ରହିବା ଉଚିତ । ଏହି ଆକାଂକ୍ଷୀ ଯୁବପିଢ଼ି, ବିଶ୍ୱ ସ୍ତରରେ ପ୍ରକାଶିତ ଏବଂ ମହତ୍ୱାକାଂକ୍ଷୀ ହୋଇଥିବା ଉଦ୍ଦେଶ୍ୟ, ସ୍ୱାୟତ୍ତତା, ଆହ୍ୱାନ ଓ ପ୍ରଭାବ ଖୋଜିଥାନ୍ତି । ପ୍ରଶାସନିକ ସେବାଗୁଡ଼ିକ ଏହି ଗୁଣଗୁଡ଼ିକୁ ଅଧିକ ସକ୍ରିୟ ଓ ସ୍ପଷ୍ଟ ଭାବରେ ପ୍ରକାଶ କରିବା ଉଚିତ ।

ଡକ୍ଟର ମିଶ୍ର କହିଥିଲେ ଯେ, ବିକଶିତ ଭାରତ ଆଡ଼କୁ ନେଇଯାଉଥିବା ଦଶନ୍ଧିଗୁଡ଼ିକ ତିନୋଟି ନୀତି ଦ୍ୱାରା ପରିଚାଳିତ ହେବା ଉଚିତ । ଏକ ବିକାଶମୂଳକ, ସେବା-ଉନ୍ମୁଖୀ ରାଷ୍ଟ୍ର ପାଇଁ ପ୍ରଶାସନିକ ସେବାକୁ ପୁନଃନିର୍ଦ୍ଦେଶିତ କରିବା । ଗଭୀର ଭାବରେ ସକ୍ଷମ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଚୟନକୁ ପୁନଃପରିକଳ୍ପନା କରିବା ଏବଂ ଏକ ଜୀବନବ୍ୟାପୀ ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରସ୍ତୁତ କରିବା ବୋଲି ସେ କହିଥିଲେ ।

# ଝାରସୁଗୁଡ଼ା ଜିଲ୍ଲାପାଳ ପ୍ରଦୂଷିତ ପାଣିର ନମୁନା ଓ ଓଭରଲୋଡିଂ ପାଉଁଶ ଟ୍ରକ୍ କଲେ ଜବତ

ଝାରସୁଗୁଡ଼ା: ଜିଲ୍ଲାରେ ଗଢି ଉଠିଥିବା କାରଖାନା ଗୁଡ଼ିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସବୁ ଆଇନ କାନୁନକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବାର ବାରମ୍ବାର ଅଭିଯୋଗ ହେବା ପରେ ଏଥିରେ ସତ୍ୟତାଥିବା ଖୋଦ୍ ପ୍ରଶାସନ ଉପଲବ୍ଧି କରି ପାରିଛି । ଏ ନେଇ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ଅଭିଯୋଗର ସତ୍ୟାସତ୍ୟ ଜାଣି ପାରିଛନ୍ତି । ଜିଲ୍ଲାପାଳ ମଙ୍ଗଳବାର ହଠାତ୍ ହାତରେ ଏକ ପାଣି ବୋତଲ ଧରି ସଦର ବ୍ଲକ ଲହଣ୍ଡାବୁଡ଼ ସ୍ଥିତ ଟିପିଏସ୍ଏଲ୍ କମ୍ପାନିରେ ପହଞ୍ଚିଥିଲେ । ଉକ୍ତ ପାଣି ବୋତଲରେ କମ୍ପାନି ପଛ ପାର୍ଶ୍ୱ ଇବ୍‌ନଦୀରୁ ଖୋଦ୍ ଜିଲ୍ଲାପାଳ ସଂଗ୍ରହ କରିଥିବା ପାଣି ନମୁନା ରହିଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଟିମ୍‌କୁ ଡାକି ଟିପିଏସ୍ଏଲ୍ କମ୍ପାନିରେ ଚଢ଼ାଉ କରିଥିଲେ ଜିଲ୍ଲାପାଳ । କମ୍ପାନିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମର ଅନୁପାଳନ ହେଉ ନ ଥିବାରୁ ଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିଥିଲେ । ତେବେ ଜିଲ୍ଲାପାଳ ଶ୍ରୀ ଚୌହାନ ଲହଣ୍ଡାବୁଡ଼ ଅଞ୍ଚଳରେ ବାଲି ଘାଟରେ ମାଇନିଂ ରୁଲ୍‌ର ଅନୁପାଳନ ହେଉଛି ନାନାହିଁ ତା'ର ତଦାରଖ କରିବାକୁ ଯାଇଥିଲେ । ସେଠାରେ ବାଲି ଘାଟରେ ପ୍ରଥମେ ବାଲିର ମାନ ଯାଞ୍ଚ କରିବାକୁ ଜିଲ୍ଲାପାଳ ହାତ ମାରିବା ପରେ ତାଙ୍କ ହାତରେ କଳା ରଙ୍ଗ ଲାଗିଥିଲା । ଫଳରେ ଆଖ ପାଖ ରେ ବୁଲି ଦେଖିବା ସହ ଇବ୍ ନଦୀର ପାଣି ଓ କୂଳରେ ଲାଗିଥିବା କଳା



ରଙ୍ଗର ଆସ୍ତରଣ ଦେଖି ଜିଲ୍ଲାପାଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଏହି ଘଟଣା ପରେ ସେ ନିଜ ଗାଡ଼ିରେ ଥିବା ଏକ ପାଣି ବୋତଲ କାଢ଼ି ନଦୀର ଉକ୍ତ ପାଣିରୁ ନମୁନା ସଂଗ୍ରହ କରିଥିଲେ ।

ସେଠାରୁ ଟିପିଏସ୍ଏଲ୍ କମ୍ପାନି ପରିସରରେ ପହଞ୍ଚି ଯାଞ୍ଚ କରିବା ବେଳକୁ ବିନା ପରିଷ୍କରଣରେ କମ୍ପାନିରୁ ବର୍ଜ୍ୟ ଜଳ ନିର୍ଗତ ହେଉଥିବା ଜାଣିବାକୁ ପାଇଥିଲେ । ଏହାପରେ ଜିଲ୍ଲାପାଳ କମ୍ପାନିର ଚିମିନି ନିକଟରେ ପହଞ୍ଚି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀମାନଙ୍କୁ ନମୁନା ସଂଗ୍ରହ କରିବାକୁ କହିଥିଲେ । ଯଥାଶୀଘ୍ର ଉଭୟ ନମୁନା ର ପରୀକ୍ଷଣ କରି ରିପୋର୍ଟ ଦାଖଲ କରିବା କୁ ଜିଲ୍ଲାପାଳ ଏସ୍‌ପିସିବି ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ଏସ୍‌ପିସିବି ଆରଓ ହିରଣ୍ୟ ନାୟକ, ବୈଜ୍ଞାନିକ ଅନୁଷ୍କା ଉପସ୍ଥିତ ଥିଲେ ।

ସେହିପରି ବିଭିନ୍ନ କମ୍ପାନୀରୁ ନିର୍ଗତ ପାଉଁଶ ଭାରୀଯାନ ଦ୍ୱାରା ଝାରସୁଗୁଡ଼ାର ମୁଖ୍ୟ ସଡ଼କପଥ ବିଜୁ ଏକ୍ସପ୍ରେସ୍ ୱେ ଏବଂ ଜାତୀୟ ରାଜପଥରେ ଓଭରଲୋଡିଂ କରି ନିଆଯାଉଛି । ଫଳରେ ରାସ୍ତାର ବିଭିନ୍ନ ସ୍ଥାନରେ ଗାଡ଼ିରୁ ପାଉଁଶ ଖସି ତଳେ ପଡୁଥିବାରୁ ଯାତାୟାତରେ ସମସ୍ୟା ହେଉଛି । ଏନେଇ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେବା ପରେ ସେ ଗୁରୁବାର ଦିନ ବିଜୁ ଏକ୍ସପ୍ରେସ ୱେରେ ପାଉଁଶ ଓଭରଲୋଡିଂ ହୋଇ ଯାଉଥିବା ଏକ ହାଇୱାକୁ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି । ଏହି ଗାଡିର ପରିବହନ କ୍ଷମତା ୪୭ ହଜାର ୪୦୦ କି.ଲୋ ହୋଇଥିବା ବେଳେ ୭୧ ହଜାର ୫୨୦ କି.ଲୋ ପାଉଁଶ ବୋଝେଇ ହୋଇଥିବା ଦେଖା ଯାଇଥିଲା । ଜିଲ୍ଲାପାଳ ଏହି ଗାଡିକୁ ସଦରଥାନାକୁ ହସ୍ତାନ୍ତର କରିଥିଲେ । ଏହାପରେ ଜିଲ୍ଲାପାଳ ବେଦାନ୍ତ କାରଖାନାକୁ ପରିଦର୍ଶନରେ ଯାଇ ପାଉଁଶ ପରିବହନ ପାଇଁ କମ୍ପାନୀ ନେଇଥିବା ପଦକ୍ଷେପର ସମୀକ୍ଷା କରିଥିଲେ ।

ଏଥିସହ ବେଆଇନ ଭାବେ ଓଭରଲୋଡିଂ କରି ପାଉଁଶ ପରିବହନ ପ୍ରକ୍ରିୟା ବନ୍ଦ କରିବା ପାଇଁ ଝାରସୁଗୁଡ଼ାରେ ଥିବା ବିଭିନ୍ନ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପାଉଁଶ ଲୋଡିଂ ସମୟରେ ଏହାର ଆର୍ଦ୍ରତା କିପରି ରଖାଯିବ ସେନେଇ ବିଭିନ୍ନ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ପାଉଁଶ ପରିବହନର ଗାଇଡ୍‌ଲାଇନ୍ ବିଷୟରେ ଅବଗତ କରାଇଛନ୍ତି ।

# ଜିଏମ୍‌ୟୁ ପାଇଲା ନାକ୍ 'ଏ'ଗ୍ରେଡ୍ ମାନ୍ୟତା

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ଶେଷରେ ନାକ୍‌ର-ଏ ଗ୍ରେଡ ମାନ୍ୟତା ମିଳିଛି । ୨୦୧୫ରେ ଗଙ୍ଗାଧର ମେହେର ଅଟୋନୋମସ କଲେଜକୁ ନାକ




ଏ'ଗ୍ରେଡ ମାନ୍ୟତା ମିଳିଥିଲା । ପରେ ଗଙ୍ଗାଧର ମେହେର ଅଟୋନୋମସ କଲେଜ ୟୁନାଟାରୀ ୟୁନିଭର୍ସିଟି ହୋଇଥିଲା । ନାକ୍ ଟିମ୍ ଗତ ଜାନୁଆରୀ ମାସରେ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ବି++ ଗ୍ରେଡ ଦେଇଥିଲେ । ଏହି ମାନ୍ୟତା ମିଳିବା ପରେ ସମ୍ବଲପୁରବାସୀ କଥା କଲେଜ ଛାତ୍ରଛାତ୍ରୀ ନିରାଶ ହୋଇଥିଲେ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ପୁନର୍ବିଚାର କରିବାକୁ ନାକ୍‌କୁ ଆବେଦନ କରିବା ପରେ ପୁଣି ଦ୍ୱିତୀୟ ଥର ପାଇଁ ନାକ୍‌ଟିମ୍ ଗତ ମେ ମାସରେ ବିଶ୍ୱ-ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ । ନାକ ଟିମ୍ ସମସ୍ତ ବିଷୟ ଅନୁଧାନ କରିବା ପରେ ୪ରୁ ୩.୦୬ ସ୍କୋର ପ୍ରଦାନ କରିବା ସହ ଏଗ୍ରେଡ ମାନ୍ୟତା ଦେଇଛନ୍ତି ।

## ଏ ସଂଖ୍ୟାରେ..


ଶରୀର ପାଇଁ ଭଲ ସବୁଜ ପନିପରିବା


ଚିନ୍ତା ଦୂର କରେ ମାଣ୍ଡିଆ


ସ୍ୱାସ୍ଥ୍ୟ ଲାଗି ଲାଭପ୍ରଦ କଲରା


ସ୍ୱାସ୍ଥ୍ୟ ପାଇଁ ଭଲ ବୁଟ


ଶରତ ଓ ଶୀତର ଔଷଧ ଅଦା ଓ ତୁଳସୀ


ମେଥି ଶାଗର ଉପକାରିତା

# ଭିଟାମାଟି ଦେଲେ ସିନା ପାଇଲେନି ପଟ୍ଟା

ଝାରସୁଗୁଡ଼ା : ହୀରାକୁଦ ବନ୍ଧ ନିର୍ମାଣରେ ନିଜ ଲହୁ ଓ ଲୁହ ଉତ୍ସର୍ଗ କରିଥିବା ଲଖନପୁର ତହସିଲର ରମ୍ଭାଲୁଗା ଗାଁ ବିସ୍ଥାପନର ୭୦ ବର୍ଷ ପରେ ମଧ୍ୟ ଗ୍ରାମବାସୀ ଆଜିଯାଏଁ ଘରଡିହ ପଟ୍ଟା ପାଇପାରି ନାହାନ୍ତି । ଜଳଭଣ୍ଡାରରୁ ମାଛ ମାରିବା ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା । ହେଲେ ଯେଉଁ ଜଳଭଣ୍ଡାର ଉପରେ ଏମାନଙ୍କ ଭାଗ୍ୟ ନିର୍ଭରଶୀଳ, ତାହା ବି ପୁଞ୍ଜିପତିଙ୍କ ଅଧୀନକୁ ଚାଲିଯାଇଛି । ଉପାୟ ଶୂନ୍ୟ ହୋଇ ସ୍ଥାନୀୟ ଲୋକେ ସେହି ପୁଞ୍ଜିପତି ଗୋଷ୍ଠୀର ମତ୍ସ୍ୟ ବ୍ୟବସାୟୀଙ୍କ ମଜୁରିଆ ଭାବେ କାମ କରୁଛନ୍ତି । ଯେଉଁ କିଛି ମତ୍ସ୍ୟଜୀବୀ ପରିବାର ନିଜେ ମାଛ ମାରି ଚଳୁଛନ୍ତି, ସେମାନଙ୍କ ଉପରେ ଛତିଶଗଡ଼ ସରକାର ବି ଦାଉ ସାଧୁଛି । ବନ୍ୟା ସମୟରେ ବିନା ସୂଚନାରେ ଛତିଶଗଡ଼ ସରକାର କଲମା ବ୍ୟାରେଜରୁ ପାଣିଛାଡ଼ି ଦେଉଥିବାରୁ ନଦୀ ମଝିରେ ଖଞ୍ଜା ଯାଇଥିବା ଜାଲ ଭାସିଯାଏ । ଗତ ବର୍ଷ ଏମିତି ୨୦ଟି ଜାଲ ଭାସି ଯାଇଥିଲା । ଏଠାକାର ଶିକ୍ଷା ବ୍ୟବସ୍ଥା ଅତି ଦୟନୀୟ । ଘୋଷାରି ହୋଇ କିଛି ପିଲାଙ୍କ ପାଠପଢ଼ା ହାଇସ୍କୁଲ ପର୍ଯ୍ୟନ୍ତ ଯାଏ, ହେଲେ କଲେଜ ମାଟି ମାଡ଼ି ପାରନ୍ତିନି କେହି । ଏହି ରମ୍ଭାଲୁଗା ଗାଁଟି ରାଜସ୍ୱ ଗ୍ରାମର ମାନ୍ୟତା ପାଇନାହିଁ । ଗାଁରେ ୧୧୯ ପରିବାର ରହୁଥିବାବେଳେ ଜନସଂଖ୍ୟା ୨୫୦ରୁ ୩୦୦ ମଧ୍ୟରେ ହେବ । କିନ୍ତୁ ହୀରାକୁଦ ଲ୍ୟାଣ୍ଡ ଅର୍ଗାନାଇଜେସନ୍ (ଏଚ୍‌ଏଲ୍‌ଓ) ଅଧୀନରେ ରମ୍ଭାଲୁଗା ଥିବାରୁ ଏମାନଙ୍କ ଜମିଜମା ସମ୍ପର୍କିତ ବନ୍ଦୋବସ୍ତ ହୋଇପାରି ନାହିଁ । ଫଳରେ ଏଠାକାର ଲୋକେ ଘରଡିହ ପଟ୍ଟା ପାଇପାରି ନାହାନ୍ତି । ସେମାନଙ୍କ କହିବା ଅନୁଯାୟୀ ଗାଁର ପ୍ରାୟ ସବୁ ପରିବାର ବୃତ୍ତିରେ ମତ୍ସ୍ୟଜୀବୀ । ଜଳଭଣ୍ଡାରରୁ ମାଛ ମାରି ପରିବାର ଚଳାଇବା ଏମାନଙ୍କର ମୁଖ୍ୟ ବେଉସା । କିନ୍ତୁ ରମ୍ଭାଲୁଗା ସଂଲଗ୍ନ ହୀରାକୁଦ ଜଳଭଣ୍ଡାର ଏବେ ମାଛ ମାଫିଆଙ୍କ କବ୍‌ଜାକୁ ଚାଲିଯାଇଛି । ମୁଖ୍ୟତଃ ବିହାର, ବେଙ୍ଗଲ ଓ ଛତିଶଗଡ଼ରୁ ବଡ଼ବଡ଼ ପୁଞ୍ଜିପତି ଆସି ଏଠିକାର ସ୍ଥାନୀୟ ଲୋକଙ୍କ ଜରିଆରେ ପୁଞ୍ଜିନିବେଶ କରୁଛନ୍ତି । ସ୍ଥାନୀୟ ଲୋକଙ୍କୁ ଲଗାଇ ବ୍ୟୟବହୁଳ ବୋଟ ଓ ଡୁଲୁଙ୍ଗି ଜାଲ ବ୍ୟବହାର କରି ଟନ୍ ଟନ୍ ମାଛ ମାରି ନେଉଛନ୍ତି । ଏହି ମାଫିଆମାନେ ବୋଟ୍ ପିଛା ୨୦ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ଜାଲର ଦାମ ଦେଢ଼ ଲକ୍ଷରୁ ୨ ଲକ୍ଷ ଟଙ୍କା ହେବ । ଏହି ଜାଲର କରାମତି ଏମିତି ଯେ, ମାଛ ଯାଆଁଳି ମଧ୍ୟ ଛାଣିହୋଇ ଚାଲି ଆସିଛି । ଫଳରେ ଜଳଭଣ୍ଡାରରେ ମତ୍ସ୍ୟବଂଶ ବୃଦ୍ଧିରେ ଏହି ଜାଲ ବାଧକ ସାଜେ । ସ୍ଥିତି ଏମିତି ହୋଇଛି ଯେ, ଏବେ ସ୍ଥାନୀୟ ଲୋକେ ନିରୁପାୟ ହୋଇ ଏହି ମାଛ ମାଫିଆଙ୍କ ଲାଗି ମଜୁରିଆ କାମ କରୁଛନ୍ତି । ମାଛ ପ୍ୟାକିଂଠାରୁ ପରିବହନ ପର୍ଯ୍ୟନ୍ତ ଶ୍ରମିକ ଭାବେ କାମ କରୁଛନ୍ତି । ଏଠିକାର ଶିକ୍ଷା ଓ ସ୍ୱାସ୍ଥ୍ୟର ଚିତ୍ର ଅତି ବିକଳ । ଗାଁରେ ନୂଆ ରମ୍ଭାଲୁଗା ନାମରେ ଏକ ପ୍ରାଥମିକ ବିଦ୍ୟାଳୟ ଅଛି । ହାଇସ୍କୁଲ ପାଖ ଗାଁ ସୁନାରିରେ ଅଛି । ୨୦୦୦ରୁ ୨୦୨୪ ମସିହା ମଧ୍ୟରେ ଗାଁର ମାତ୍ର ୪ ଜଣ ହାଇସ୍କୁଲ ପର୍ଯ୍ୟନ୍ତ ଯାଇଛନ୍ତି । ଏହି ସମୟସୀମା ମଧ୍ୟରେ କେହି କଲେଜ ମାଟି ମାଡ଼ି ନାହାନ୍ତି । ସଚେତନତା, ଭିତିଭୂମି ଏବଂ ଗମନାଗମନ ସମସ୍ୟା ପାଇଁ ଏଠିକାର ପିଲା ପାଠ ପ୍ରତି ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଚିକିତ୍ସା ବ୍ୟବସ୍ଥା ବି ଉନ୍ନତମାନର ନୁହେଁ । ଗାଁ ଲୋକଙ୍କର କିଛି ରୋଗ ହେଲେ ସେମାନେ ଗାଁଠୁ ୧୮ କିଲୋମିଟର୍ ଦୂର ଲଖନପୁରକୁ ଯାଆନ୍ତି । ଚିର ଅବହେଳିତ ଏହି ଗାଁର ଦୁଃଖ ଏତେ ଅସହ୍ୟ ଯେ, କେବଳ ଅଙ୍ଗେ ନିଭାଉଥିବା ଲୋକ ହିଁ ଜାଣିପାରିବ ।

# ଯୋଗ ବିଦ୍ୟାଳୟରେ ଭାଗବତ ସପ୍ତାହ

ସମ୍ବଲପୁର : ସ୍ଥାନୀୟ ସେନପାର୍କ ନିକଟସ୍ଥ ଯୋଗ ବିଦ୍ୟାଳୟରେ ଭାଗବତ ସପ୍ତାହ ଆରମ୍ଭ ହୋଇଛି । ପୁରୀ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ ଏଥିରେ ଭାଗବତ ଉପରେ ପ୍ରବଚନ ଦେଉଛନ୍ତି । ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୭ ରୁ ଗୋଟାଏ ପର୍ଯ୍ୟନ୍ତ ଭାଗବତ ପାରାୟଣ ଏବଂ ଅପରାହ୍ନ ୪ ଟାରୁ ୭ ଟା ପର୍ଯ୍ୟନ୍ତ ପ୍ରବଚନ ହେବ । ଯୋଗ ବିଦ୍ୟାଳୟର ମୁଖ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ମାର୍ଗ ଦର୍ଶନ ତଥା ସ୍ୱାମୀ ନିତ୍ୟ ଚୈତନ୍ୟ ଏବଂ ପରିଚାଳନା କମିଟିର ସମ୍ପାଦକ ଦେବେନ୍ଦ୍ର ଲାଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରସାଦି ପ୍ରଧାନ, ସୁବ୍ରତ ମହାପାତ୍ର ଏବଂ ଦେବେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରୁଛନ୍ତି ।

# ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର କାର୍ଯ୍ୟାଳୟ ଉଦଘାଟିତ

ଝାରସୁଗୁଡ଼ା: ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ର କାର୍ଯ୍ୟାଳୟ ଉଦଘାଟିତ ହୋଇ ଯାଇଛି । ଏମ୍‌ସିଏଲ ବନ୍ଧବାହାଲ ଶିଳ୍ପାଞ୍ଚଳ ରେ ମାଁ ମାଉସୀ ଗୁଡି ଠାରେ ଏମ୍ ସି ଏଲ ଲଖନପୁର ଏରିଆ ମହାପ୍ରବନ୍ଧକ ଏ.କେ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଶ୍ରୀ ପାଣ୍ଡେ ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ରରେ ଗଜପତି ମହାରାଜା ସେବା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଧନୁଯାତ୍ରା ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି । ଉଦଘାଟନ ଉତ୍ସବରେ ଧନୁଯାତ୍ରା ମହୋତ୍ସବର ସଭାପତି ବେଣୁଧର ସିଂହ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, ଜିଲ୍ଲା ବିଜେପି ସଭାପତି ତଥା ଧନୁଯାତ୍ରା ମହୋତ୍ସବ ର ପୃଷ୍ଠ ପୋଷକ ରଘୁନନ୍ଦନ ପଣ୍ଡାଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଥିଲେ । ଧନୁଯାତ୍ରା ମହୋତ୍ସବ ର କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା ଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ସମସ୍ତ ଅତିଥି ବୃନ୍ଦ ପ୍ରଥମେ କାର୍ଯ୍ୟାଳୟ ର ଶୁଭ ଉଦଘାଟନ ସହ ଶ୍ରୀକୃଷ୍ଣ ଙ୍କ ପୂଜା ଅର୍ଚ୍ଚନା ପୂର୍ବକ ନଡ଼ିଆ ଭାଙ୍ଗି ଆର୍ଶୀବାଦ ଭିକ୍ଷା କରିଥିଲେ । ଚଳିତ ବର୍ଷ ଧନୁଯାତ୍ରା ମହୋତ୍ସବ ୧୯ ତମ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ସମସ୍ତ ଅଞ୍ଚଳ ବାସୀଙ୍କ ସହଯୋଗ କାମନା କରି ଓଡ଼ିଶାର ପରମ୍ପରା ନିତି ବଜାୟ ରଖିବାକୁ ସଂକଳ୍ପ ନେଇଛନ୍ତି । ଏହି ଅବସରରେ ଧନୁଯାତ୍ରା ମହୋତ୍ସବର ବରିଷ୍ଠ ସଦସ୍ୟ ଓ ଚଳିତ ବର୍ଷ ଧନୁଯାତ୍ରା ମହୋତ୍ସବ ର କୃଷ୍ଣ ଭୂମିକା ରେ ଅଭିନୟ କରୁଥିବା ବାଳ କଳାକାର ମୟଙ୍କ ଖମାରୀ ସହ ସମସ୍ତ ଧନୁଯାତ୍ରା ର କର୍ମକର୍ତ୍ତା ଉପସ୍ଥିତ ରହି ଥିଲେ ।

# ଝାରସୁଗୁଡାରେ ଶୀତ ୩୭ ବର୍ଷର ଭାଙ୍ଗିଲା ରେକର୍ଡ

ଝାରସୁଗୁଡା: ପ୍ରବଳ ଶୀତ ଯୋଗୁଁ ସହରରେ ସନ୍ଧ୍ୟା ହେଲେ ସହରର ରାସ୍ତା ଜନଶୂନ୍ୟ ହୋଇ ଯାଉଥିବା ବେଳେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସ୍ଥାନେ ସ୍ଥାନେ ଲୋକେ ନିଆଁ ପୋଇଁ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଶୀତ ସାଙ୍ଗକୁ ସକାଳୁଆ କୁହୁଡ଼ି ମଧ୍ୟ ଦେଖିବାକୁ ମିଳୁଛି ।

ଝାରସୁଗୁଡ଼ାରେ ସର୍ବନିମ୍ନ ରାତ୍ରିକାଳୀନ ତାପମାତ୍ରା ୮.୧ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି । ଝାରସୁଗୁଡ଼ାରେ ଶେଷ ଥର ପାଇଁ ୩୭ ବର୍ଷ ତଳେ ଅର୍ଥାତ୍ ୧୯୮୮ ମସିହା ନଭେମ୍ବର ୪ ତାରିଖରେ ସର୍ବନିମ୍ନ ତାପମାତ୍ରା ୮.୦ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଥିଲା । ୧୯୫୦ ମସିହା ପରଠାରୁ ପ୍ରତିବର୍ଷର ନଭେମ୍ବର ମାସର ରେକର୍ଡକୁ ଦେଖିଲେ ଚଳିତ ବର୍ଷ ଝାରସୁଗୁଡ଼ାରେ ଦ୍ୱିତୀୟ ଥର ପାଇଁ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି । ଏହାପୂର୍ବରୁ ୧୯୭୦ ମସିହା ନଭେମ୍ବର ୩୦ ତାରିଖରେ ୮.୪ ଡିଗ୍ରି, ନଭେମ୍ବର ୨୬ ତାରିଖରେ ୮.୬ ଡିଗ୍ରି, ନଭେମ୍ବର ୨୯ ତାରିଖରେ ୮.୯ ଡିଗ୍ରି ଓ ନଭେମ୍ବର ୨୫ ତାରିଖରେ ୯ ଡିଗ୍ରି ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଅଦ୍ୟାବଧି ଝାରସୁଗୁଡ଼ାରେ ରେକର୍ଡ ହୋଇଥିବା ସର୍ବନିମ୍ନ ତାପମାତ୍ରା ହେଉଛି ୬ ଡିଗ୍ରି ସେଲସିୟସ, ଯାହା ୧୯୭୬ ମସିହା ଜାନୁଆରି ୧୦ ତାରିଖ ଦିନ ରେକର୍ଡ ହୋଇଥିଲା ।

# ପଞ୍ଚାୟତର ପ୍ରତିନିଧି ବୁଲି ଦେଖିଲେ ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟର

ସମ୍ବଲପୁର: ଲପଙ୍ଗା, ଜଙ୍ଗଲା ଓ କତରବଗା ପଞ୍ଚାୟତରୁ ସ୍ଥାନୀୟ ନେତା ଓ ପ୍ରଭାବଶାଳୀ ସଦସ୍ୟମାନେ, ଲପଙ୍ଗା ସ୍ଥିତ ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟରର ପରିଦର୍ଶନ କରିଛନ୍ତି । ସ୍ଥାନୀୟ ଯୁବକମାନଙ୍କୁ ଅର୍ଥପୂର୍ଣ୍ଣ କୌଶଳରେ ସମ୍ପୂର୍ଣ୍ଣ କରିବା ଏବଂ ସେମାନଙ୍କର ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟର ଅତି କମ୍ ଆୟ ଥିବା ଯୁବକ, ବିଦ୍ୟାଳୟ ଓ କଲେଜ ଛାଡ଼ିଥିବା ଛାତ୍ରଛାତ୍ରୀ ଏବଂ ଆର୍ଥିକ ସମସ୍ୟା କାରଣରୁ ଶିକ୍ଷା ଆଗକୁ ବଢ଼ାଇ ପାରିନଥିବା ଯୁବକ ମାନଙ୍କୁ ସ୍ୱତନ୍ତ୍ର ଭାବେ କ୍ଷେତ୍ର ଗତ କୌଶଳ ଶିକ୍ଷା ଓ ପ୍ଲେସମେଣ୍ଟ ସହିତ ମାଗଣା ଶିକ୍ଷା ପ୍ରଦାନ କରୁଛି ।

# କିର୍ମିରା ବ୍ଲକ ସମ୍ମନିତ ଶିଶୁ ବିକାଶ କାର୍ଯ୍ୟାଳୟ ଉଦଘାଟିତ

ଝାରସୁଗୁଡ଼ା: କିର୍ମିରା ବ୍ଲକର ନବ ନିର୍ମିତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି କୋଠାର ଉଦଘାଟନ କରି ରାଜ୍ୟ ସରକାର ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା ସହ ମହିଳା ମାନଙ୍କ ସୁରକ୍ଷା ବିଭିନ୍ନ ଯୋଜନାରେ ଜନସାଧାରଣ ଉପକୃତ ହେଉଥିବା କହିଥିଲେ । ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା କୃଷ୍ଣପ୍ରିୟା ସାହୁ,ଜିଲା ସମାଜ କଲ୍ୟାଣ ଅଧିକାରୀ ପୁନ୍ୟବତୀ ହେଲେନ, ବିଡିଓ ଅଭିନାଶ ଲାକ୍ରା, ସରପଞ୍ଚ ସନ୍ତୋଷିନୀ ପଟେଲ, ବିପିସି ଅନୁପମା ମିଞ୍ଜଉପସ୍ଥିତ ଥିଲେ । ଦାୟିତ୍ୱରେ ଥିବା ଲଇକେରା ବ୍ଲକ ଆଇସିଡିଏସ ଅଧିକାରୀ ହରିପ୍ରିୟା ପଟେଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗ କର୍ମଚାରୀ ସହଯୋଗ କରିଥିଲେ ।

# ମୁଖ ଦୁର୍ଗନ୍ଧ ହୋଇପାରେ ଡାଏବିଟିସ୍‌ର ଲକ୍ଷଣ



ପାଟି ଦୁର୍ଗନ୍ଧ ହେବା ସମସ୍ୟା ଡାଏବିଟିସର ଅନ୍ୟ ଏକ ଲକ୍ଷଣ ହୋଇପାରେ । କୌଣସି ବ୍ୟକ୍ତିଙ୍କୁ ଡାଏବିଟିସ ଗ୍ରାସ କଲେ ପ୍ରଥମେ ରକ୍ତଶର୍କରା ସ୍ତର ଅନିୟନ୍ତ୍ରିତ ହୋଇଥାଏ । ଏହାଦ୍ୱାରା ଦାନ୍ତ ମାଢ଼ି ଦୁର୍ବଳ ହୋଇଯାଏ । ଫଳରେ ଦାନ୍ତ ମଧ୍ୟରେ ଶୂନ୍ୟସ୍ଥାନ ପରିଲକ୍ଷିତ ହୋଇଥାଏ । ଭୋଜନ ସମୟରେ ଏହି ଶୂନ୍ୟ ସ୍ଥାନରେ ଖାଦ୍ୟର ଅବଶେଷ ରହିଗଲେ, ଧୀରେ ଧୀରେ ଏଥିରେ ଜୀବାଣୁ ବଢ଼ି ମୁଖ ଦୁର୍ଗନ୍ଧର ପ୍ରଥମ କାରଣ ସାଜିଥାଏ । ଅନେକ ସମୟରେ ମୁଖ ଦୁର୍ଗନ୍ଧ ହେଲେ ଲୋକେ ମାଉଥ୍‌ୱାସ୍ କିମ୍ବା ଜେଲ୍ ବ୍ୟବହାର କରିଥାନ୍ତି, ଯାହା ଆଦୌ ଉଚିତ ନୁହେଁ । କାରଣ ଏହାଦ୍ୱାରା ଦୁର୍ଗନ୍ଧ ସମସ୍ୟା ବଢ଼ିବାରେ ଲାଗେ । ତେଣୁ ଏହାର ତୁରନ୍ତ ସମାଧାନ ପାଇଁ ଡାକ୍ତରୀ ପରାମର୍ଶ ନିତାନ୍ତ ଜରୁରୀ । ଦାନ୍ତ ସହ ଜଡ଼ିତ ଯନ୍ତ୍ରଣା ମଧୁମେହ ରୋଗୀଙ୍କ ମଧ୍ୟରେ ଅଧିକ ଥାଏ । ଏହାଦ୍ୱାରା ସେମାନଙ୍କ ଠାରେ ପାଇରିଆ ସମ୍ଭାବନା ବଢ଼ିଥାଏ । ଡାଏବିଟିସ୍ ପୀଡିତଙ୍କୁ ଦିନକୁ ଦୁଇଥର ଦାନ୍ତ ପରିଷ୍କାର କରିବା ଉଚିତ୍ ।

# ଏକାକୀ ଚାଲିବାର ସାହସ କର

ଯେଉଁ ମନୁଷ୍ୟ ନିଜ ଗୋଡ଼ରେ ଠିଆ ହୋଇ ଆଗକୁ ବଢ଼ିବା ପାଇଁ କୃତନିଶ୍ଚୟ ହୋଇଥାଏ, ତା'ର ପଦକ୍ଷେପକୁ କେହି ଅଟକାଇ ପାରିବେ ନାହିଁ । ଯଦି ଆମେ ସମ୍ପୂର୍ଣ୍ଣ ନିରାଶାରୁ ମୁକ୍ତ ରହିବାକୁ ଚାହୁଁ ତେବେ କାହା ଉପରେ ନିର୍ଭର କରିବା ଛାଡ଼ିଦେବା ଉଚିତ, ଏହା ହିଁ ସଂସାରର ସତ୍ୟ ।

ନିଜର ଆତ୍ମାକୁ ସଶକ୍ତ କରନ୍ତୁ ତଥା ପ୍ରତ୍ୟେକ ପ୍ରକାରର ବିପଦରେ ଅଟଳ ରହିବା ଶିଖନ୍ତୁ । ଯିଏ ଏପରି କରିପାରେ, ତାକୁ ହିଁ ଜୀବନର ସଦୁପଯୋଗର ଅବସର ମିଳିଥାଏ, ତା'ର ଆତ୍ମା ସର୍ବଦା ପ୍ରସନ୍ନତା ଅନୁଭବ କରିଥାଏ ତଥା ତାକୁ କୌଣସି ପ୍ରକାର ଶୋକ ହୋଇ ନଥାଏ । ଯେପର୍ଯ୍ୟନ୍ତ ଆମେ ଅନ୍ୟମାନଙ୍କ ଉପରେ ଅବଲମ୍ବିତ ଥିବା, ଆମର ଚେତନା ପୂର୍ଣ୍ଣ ରୂପେ ସ୍ୱତନ୍ତ୍ର ହୋଇ ନ ଥିବ ତଥା ଆମେ ନିଜର ଦୈବୀ ଅଭିଯାନ ହେତୁ ତତ୍‌ପର ନ ଥିବା, ସେପର୍ଯ୍ୟନ୍ତ ଆମର ଜୀବନ ନିଜର ଉତ୍କର୍ଷ ପ୍ରାପ୍ତ କରି ପାରିବ ନାହିଁ । ଆମେ ପ୍ରତ୍ୟେକ ପ୍ରକାରର ପୀଡ଼ା—ଅବରୋଧରୁ ଉପରକୁ ଉଠି ନିଜ ପଥର ଅନୁସରଣ କରିବା ଉଚିତ । ଏଥିରେ ଆତ୍ମାର କଲ୍ୟାଣ ନିହିତ । ଯିଏ ଏହାକୁ ବୁଝିଯାଏ, ତାକୁ ଆଉ ବାଟବଣା ହେବାକୁ ପଡ଼େ ନାହିଁ, ତା'ର ଆତ୍ମା ସ୍ୱତଃ ନିଜର ଉଦ୍ଦେଶ୍ୟ ଅନୁରୂପ ବିଚରଣ କରିବାରେ ଲାଗେ । ଯିଏ ଆତ୍ମନିର୍ଭର ହେବା ଶିଖିଲା, ତାକୁ ଏବେ କୌଣସି ବି ପରିସ୍ଥିତି ନିଜ ସରପ ଅନକଳ ବ୍ୟବହାର କରିବାରେ ରୋକି ପାରିବ ନାହିଁ, ମନୁଷ୍ୟର ପ୍ରତିଭା ବିକାଶରେ ଏହାଠାରୁ ବଡ଼ କୌଣସି ଚାବି ନାହିଁ । ତା'ର ଜୀବନ ପ୍ରତ୍ୟେକ ପ୍ରକାର ବିଷୟରୁ ମୁକ୍ତ ହୋଇ ନିଜର ଆଦର୍ଶ ସ୍ଥିତିକୁ ପ୍ରାପ୍ତ କରିଥାଏ । ଏବେ ତାକୁ କୌଣସି କଥାର ଚିନ୍ତା ନ ଥାଏ, ତା'ର ଭିତରର ସାହସ ନିଜ ଆତ୍ମାର ଭାଗ୍ୟୋଦୟ ହେତୁ ଗତିଶୀଳ ହୋଇଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ସଂସାରର ଜଞ୍ଜାଳରେ ଫସି ରହିବ, ସେପର୍ଯ୍ୟନ୍ତ ତାକୁ ବାସ୍ତବିକ ଜୀବନପଥ ଦୃଷ୍ଟିଗୋଚର ହେବ ନାହିଁ । ସେ ସର୍ବଦା ଏକତ୍ର ଧାରାରୁ ଦୂର ନିଜର ବ୍ୟକ୍ତିଗତ କୁଚକ୍ରଗୁଡ଼ିକରେ ହିଁ ରମଣ କରିବାକୁ ଲାଗିବ । ତା'ର ଆତ୍ମା କେବେ ବି ସେହି ସୌଭାଗ୍ୟ ଦର୍ଶନ କରି ପାରିବ ନାହିଁ, ଯାହାକୁ ଚରିତାର୍ଥ କରିବା ପାଇଁ ଆମେ ଏହି ଧରାପୃଷ୍ଠକୁ ଆସିଛେ । ଯଦି ଆମେ ଜାଗରୂକ ହୋଇ ପାରିବା ତେବେ ବୁଝି ପାରିବା ଯେ ଜୀବନର ସଦୁପଯୋଗ ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ତାକୁ ଆତ୍ମାର ଦୃଷ୍ଟିକୋଣରୁ ସ୍ୱୀକାର କରିବା । ତାହାର ସବୁ ସମସ୍ୟାକୁ କେବଳ ଭିତରର ପ୍ରକାଶ ଦ୍ୱାରା ସମାଧାନ କରିବା ପାଇଁ ପ୍ରୟାସ କରିବା ।

ଏହି ଯେତେବେଳେ ଆପଣ ଏପରି କରିବାକୁ ଲାଗିବେ, ତ ଆପଣଙ୍କ ଆତ୍ମା ବନ୍ଧନଗୁଡ଼ିକରୁ ମୁକ୍ତ ହୋଇ ନିଜର ଉଜ୍ଜ୍ୱଳ ଦିଶାକ୍ରମକୁ ପ୍ରାପ୍ତ କରିବ । ଏହା ହିଁ ଏକାକୀ ଚାଲିବାର ଅର୍ଥ ।

# ସମସ୍ତଙ୍କୁ ଭଲ ପାଅ ସମସ୍ତଙ୍କ ସେବା କର



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ସମସ୍ତଙ୍କୁ ଭଲ ପାଅ, ସମସ୍ତଙ୍କ ସେବା କର, ସବୁବେଳେ ସାହାଯ୍ୟ କର, କେବେ କାହାରି କ୍ଷତି କର ନାହିଁ। ଭଗବାନ ଶ୍ରୀ ସତ୍ୟ ସାଇ ବାବାଙ୍କ ଏହି ମାନବବାଦୀ ମହାମନ୍ତ୍ର ବିଶ୍ୱ ବିଖ୍ୟାତ। ସାର୍ବଜନ ଆଦୃତ। ଦୈହିକ ରୂପେ ଆଜି ସେ ଆମ ଗହଣରେ ନାହାନ୍ତି। କିନ୍ତୁ ତାଙ୍କ ପ୍ରେରଣାଦାୟୀ ସନ୍ଦେଶ, ମହାର୍ଘ୍ୟ ମାର୍ଗଦର୍ଶନ ଆମ ସହିତ ରହିଛି। ଆଗକୁ ରହିବ ମଧ। ୧୯୨୬ ମସିହା ନଭେମ୍ବର ୨୩ ତାରିଖରେ ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଚିତ୍ରବତୀ ନଦୀ ତଟସ୍ଥ ଏକ ଛୋଟ ଗ୍ରାମ ପୁଟ୍ଟପାର୍ଥୀରେ ତାଙ୍କର ଦିବ୍ୟ ଜନ୍ମ। ତାଙ୍କ ଜନ୍ମ ସହିତ ଅନେକ କିମ୍ବଦନ୍ତୀ ଜଡ଼ିତ। ନବଜନ୍ମିତ ଶିଶୁକୁ ତାଳ ପତ୍ରରେ ଶୁଆଇବା ତତ୍କାଳୀକ ପ୍ରଥା। ସେହି ନୀତିରେ ସତ୍ୟ ସାଇ ବାବାଙ୍କ ଜନ୍ମ ପରେ ତାଙ୍କୁ ତାଳ ପତ୍ରପରେ ଶୁଆଯାଇଥିଲା। କିନ୍ତୁ ତାଳ ପତ୍ର ତଳେ ନାଗ ସାପଟିଏ ଲୋକେ ଦେଖିବାକୁ ପାଇଲେ। ଏହା ସିମିତି କୌଣସି ଅସାଧାରଣ ଘଟଣା ନ ଥିଲା। କାରଣ ପଥୁରିଆ ଗ୍ରାମାଞ୍ଚଳରେ ସାପ ବାହାରିବା ଏକ ସାମାନ୍ୟ କଥା। କିନ୍ତୁ କିଛି ସମୟ ଉତ୍ତାରୁ ସାପଟି ଆନ୍ତର୍ଧାନ ହୋଇଗଲା। ଖୋଜାଖୋଜି ସତ୍ତ୍ୱେ ମଧ ମିଳି ନ ଥିଲା। ସ୍ୱତଃ ଲୋକଙ୍କ ମନରେ ଧାରଣା ହେଲା ଯେ ନବଜନ୍ମିତ ଶିଶୁପୁତ୍ରଟି ଅଲୌକିକ ଦିବ୍ୟ ଶକ୍ତି ଯୁକ୍ତ ଭଗବାନ ବିଷ୍ଣୁଙ୍କ ଅବତାର। ଅନ୍ୟ ଏକ ଦନ୍ତ କଥା ଅନୁସାରେ ଥରେ ବାବାଙ୍କ ମାତା କୂଅରୁ ପାଣି କାଢୁଥିଲେ। ତାଙ୍କୁ ତାଙ୍କ ପେଟ ଭିତରେ ହାଠାତ ଏକ ଦିବ୍ୟ ଆଲୋକ ସଂଚରିତ ହେବା ଅନୁଭୂତ ହେଲା। କିଛିଦିନ ଅନ୍ତେ ତାଙ୍କର ଗର୍ଭାଧାନ ହେଲା। ସମୟ ଅନୁସାରେ ବାବା ଭୂମିଷ୍ଠ ହେଲେ। ତେଣୁ ତାଙ୍କୁ ସ୍ଥାନୀୟ ଲୋକେ ଦିବ୍ୟ ଅବତାର ମନେକରିବା ସେକାଳେ ବିସ୍ମିତ ବିଷୟ ନ ଥିଲା।

ବାବାଙ୍କ ପିଲାଦିନର ନାମ ରତ୍ନାକରମ ସତ୍ୟନାରାୟଣ ରାଜୁ। ମାତା ଈଶ୍ୱରମ୍ମା ଏବଂ ପିତା ପେଡ୍ଡାବେଂକାମା ରାଜୁ ରତ୍ନାକରମ। ଜନ୍ମମାଟି ପୁଟ୍ଟପାର୍ଥୀ ଯାର ପୁରାତନ ନାମ ଗୋଲ୍ଲାପଲ୍ଲୀ ଓ ପରେ ପୁଟ୍ଟପଲ୍ଲୀ ଭାବେ ନାମିତ ହୋଇଥିଲା। ଅଧିକାଂଶ ଲୋକ ଗୁଓ୍ୱାଲା ଥିବାରୁ ଗାଆଁର ନାମ ଗୋଲ୍ଲାପଲ୍ଲୀ ଓ ଉଇ ହୁଙ୍କାର ବହୁଳତା ଯୋଗୁଁ ପୁଟ୍ଟପାର୍ଥୀ ପଡିଥିଲା ବୋଲି ମାନ୍ୟତା ରହିଛି। ତେଲଗୁ ଭାଷାରେ ପୁଟ୍ଟ ମନେ ପିମ୍ପୁଡିର ସମୂହ। ତତ୍କାଳୀକ ପୁଟ୍ଟପାର୍ଥୀ କ୍ଷେତ୍ର ସେତେ ସମୃଦ୍ଧ ନ ଥିଲା। ଏହା ବୃଷ୍ଟି ବିରଳ ଅଞ୍ଚଳ ଥିଲା। ଲୋକେ ଦୁଗ୍ଧ ଓ ଦୁଗ୍ଧଜାତୀୟ ପଦାର୍ଥରୁ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ସତ୍ୟନାରାୟଣ ତାଙ୍କ ମାତାପିତାଙ୍କ ଅଷ୍ଟମ ସନ୍ତାନ। ତାଙ୍କ ଉପରେ ଜଣେ ଭାଇ ଓ ଦୁଇ ଭଉଣୀ ଥିଲେ। ଅବଶିଷ୍ଟ ଚାରି ଜଣ ଭାଇ ଭଉଣୀଙ୍କ ଛୋଟ ବେଳେ ମୃତ୍ୟୁ ଘଟିଥିଲା। ଗୋଲ୍ଲାପଲ୍ଲୀରେ ଏକ ଏକବର୍ଷିଆ ଚାଟଶାଳୀ ଥିଲା। ପ୍ରାଥମିକ ଶିକ୍ଷାର ସୁବିଧା ନ ଥିବାରୁ ତାଙ୍କୁ ତିନି କିଲୋମିଟର ଦୂରବର୍ତ୍ତୀ ଅନ୍ୟ ଏକ ଗ୍ରାମକୁ ପଢିବାକୁ ଯିବାକୁ ପଡୁଥିଲା। ତାଙ୍କ ବଡ଼ ଭାଇ ଜଣେ ଶିକ୍ଷକ ଥିଲେ। ସତ୍ୟନାରାୟଣ ବଡ଼ ଭାଇଙ୍କ ନିକଟରେ ରହି ହାଇସ୍କୁଲ ଶିକ୍ଷା ଲାଭ କରିଥିଲେ। ପିଲାଦିନରୁ ପ୍ରତିଭାଶାଳୀ ସତ୍ୟନାରାୟଣ ଉଦାର, ଉଦ୍ୟମୀ ଓ ସର୍ଜନଶୀଳ ଥିଲେ। ଅକ୍ଟୋବର ୨୦, ୧୯୪୦ ମସିହାରେ ସେ ନିଜକୁ ଅବତାର ଘୋଷଣା କରିଥିଲେ। ପରିବାର ଲୋକଙ୍କୁ କହିଥିଲେ ମୁଁ ତୁମର ସତ୍ୟ ନୁହେଁ। ମୁଁ ସତ୍ୟ ସାଇ ବାବା। ମୋର ମିଶନ ପୂର୍ଣ୍ଣ କରିବାକୁ ମୋତେ ଘର ଛାଡି ଯିବାକୁ ହେବ, ଯାହା ବର୍ତ୍ତମାନର ପ୍ରଶାନ୍ତି ନିଳୟମ ପର୍ଯ୍ୟନ୍ତ ଦିବ୍ୟ ଭବ୍ୟ ଯାତ୍ରାର ଈଶ୍ୱରୀୟ ସଂକେତ ଥିଲା। ଏବେ ନା ସେହି ପୁରୁଣା ଅନନ୍ତପୁର ଜିଲ୍ଲା ଅଛି ନା ପୁଟ୍ଟପାର୍ଥୀ ଗ୍ରାମ। ୨୦୨୨ ମସିହାରେ ଅନନ୍ତପୁର ଜିଲ୍ଲା ବିଭାଜିତ ହୋଇ ନୂଆ ଶ୍ରୀ ସତ୍ୟ ସାଇ ଜିଲ୍ଲା ଆତ୍ମପ୍ରକାଶ କରିଛି ଯାହାର ସଦର ମହକୁମା ରୂପାନ୍ତରିତ ପାବନ ଭୂମି ପୁଟ୍ଟପାର୍ଥୀ।

ଚଳିତ ନଭେମ୍ବର ନଅ ତାରିଖରୁ ଛବିଶ ତାରିଖ ପର୍ଯ୍ୟନ୍ତ ଭଗବାନ ଶ୍ରୀ ଶ୍ରୀ ସତ୍ୟ ସାଇ ବାବାଙ୍କ ଜନ୍ମ ଶତାବ୍ଦୀ ପାଳିତ ହେଉଛି। ଏହା କେବଳ ଏକ ଉତ୍ସବ ନୁହେଁ। ଏହା ଉତ୍ତର ପୀଢିଙ୍କ ପାଇଁ ବାବାଙ୍କ ଆଶୀର୍ବାଦ। ତାଙ୍କର ଶିକ୍ଷା, ସଦ୍ଭାବନା, ପ୍ରେମ ଓ ସର୍ବୋପରି ସେବା ମନ୍ତ୍ର କୋଟିକୋଟି ଜନତାଙ୍କୁ ମାର୍ଗଦର୍ଶନ କରୁଛି। ଜୀବନକାଳ ମଧରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ପାନୀୟ ଜଳ ଯୋଗାଣ, ଗମନାଗମନ, ରୋଜଗାର ଆଦି କ୍ଷେତ୍ରରେ ତାଙ୍କର ଅମୀୟ ଅବଦାନ ଅବିସ୍ମରଣୀୟ। ତାଙ୍କ ଦିବ୍ୟ ଇଙ୍ଗିତରେ ସ୍କୁଲ, କଲେଜ, ୟୁନିଭର୍ସିଟି, ମେଡିକାଲ କଲେଜ ଇତ୍ୟାଦି ନିର୍ମିତ ହୋଇଛି। ପୁଟ୍ଟପାର୍ଥୀ ଗ୍ରାମରେ ଶ୍ରୀ ଶ୍ରୀ ବାବା ଏକ ଜେନେରାଲ ହସ୍ପିଟାଲ ନିର୍ମାଣ କରାଇଥିଲେ। ସ୍ୱିଜାରଲ୍ୟାଣ୍ଡର ଜଣେ ପ୍ରତିଷ୍ଠିତ ହୀରା ବ୍ୟବସାୟୀଙ୍କ ସଦୟ ଆର୍ଥିକ ସହାୟତାରେ ପୁଟ୍ଟପାର୍ଥୀ ଠାରେ ୧୯୯୧ ମସିହାରେ ସ୍ୱର୍ଣ୍ଣ ସୁପର ସ୍ପେଶାଲିଟି ହସ୍ପିଟାଲ ତିଆରି ହୋଇଛି। ସତ୍ୟ ସାଇ ବାବା ଉକ୍ତ ବ୍ୟବସାୟୀଙ୍କଠୁ ଆର୍ଥିକ ସହଯୋଗ ନେବାକୁ ଅମଙ୍ଗ ଥିଲେ। କିନ୍ତୁ ଏହା ତାଙ୍କ ନିଜସ୍ୱ ନୁହଁ, ଜନତାଙ୍କ ଅର୍ଥ ଓ ଜନତାଙ୍କ ସେବାରେ ଲାଗିବ କହିବା ପରେ ସହମତ ହୋଇଥିଲେ। ଏତଦ୍‌ବ୍ୟତୀତ କୋଲକତା ହ୍ୱାଇଟ ଫିଲ୍ଡ ଓ ନବୀ ମୁମ୍ବାଇରେ ଅନ୍ୟ ଦୁଇଟି ସୁପର ସ୍ପେଶାଲିଟି ହସ୍ପିଟାଲ ନିର୍ମିତ ହୋଇଛି। ତିନୋଟି ଯାକ ହସ୍ପିଟାଲରେ ରୋଗୀଙ୍କୁ ସଂପୂର୍ଣ୍ଣ ଦେୟ ମୁକ୍ତ ଚିକିତ୍ସା ମିଳେ। ସେ ସମୟରେ ଚେନ୍ନେଇରେ ପାନୀୟଜଳର ଘୋର ଅଭାବ ଥିଲା। ନିଜସ୍ୱ ପ୍ରୟାସରେ ବାବା ଚେନ୍ନେଇରୁ ୭୦୦ କିଲୋମିଟର ଦୁରବର୍ତ୍ତୀ ଜଳସ୍ରୋତରୁ ଜଳ ଯୋଗାଣ ବ୍ୟବସ୍ଥା କରିଥିଲେ। ପୂର୍ବ ଏବଂ ପଶ୍ଚିମ ଗୋଦାବରୀରୁ ଜଳସେଚନର ଅବସର ସୃଷ୍ଟି କରି କୃଷି କ୍ଷେତ୍ରକୁ ସମୃଦ୍ଧ କରାଇ ପାରିଥିଲେ। ଯାତାୟାତର ବିଶେଷ ସୁବିଧା ନ ଥିବା ହେତୁ ଲୋକେ ବଳଦ ଗାଡିର ବ୍ୟବହାର କରୁଥିଲେ। ଗମନାଗମନ ସକାଶେ ବଡ଼ ବଡ଼ ସହରକୁ ସଡ଼କ ପଥରେ ସଂଯୋଗୀକରଣ କାମ ମଧ ହାତକୁ ନେଇଥିଲେ। ଉର୍ନାବରମରୁ ପୁଟ୍‌ପାର୍ଥୀକୁ ରେଳ ସଂଯୋଗୀକରଣ ଏବଂ ବାଙ୍ଗାଲୋରକୁ ବିମାନ ଯୋଗାଯୋଗ ବ୍ୟବସ୍ଥା ତାଙ୍କରି ମହତ ଅବଦାନ। ସାମାଜିକ ସମୃଦ୍ଧିକରଣ ସହ ମଣିଷ ଜୀବନର ରୂପାନ୍ତରଣ ଉପରେ ସେ ଖୁବ ଗୁରୁତ୍ୱ ଆରୋପ କରୁଥିଲେ। ଏପ୍ରିଲ, ୨୪, ୨୦୧୧ ରେ ସେ ଶରୀର ତ୍ୟାଗ କରିଥିଲେହେଁ ତାଙ୍କର ନୀତି ଶିକ୍ଷା ଚିରକାଳ ପାଇଁ ମଣିଷ ସମାଜର ପ୍ରେରଣାର ଉତ୍ସ ହୋଇ ରହିବ। ୧୯୫୦ ମସିହାରେ ତାଙ୍କରି ଅନୁଯାୟୀ ପ୍ରଶାନ୍ତି ନିଳୟମ ସ୍ଥାପନ କରିଥିଲେ। ବିଶ୍ୱର ୧୪୦ ରୁ ଅଧିକ ଦେଶରେ ଶ୍ରୀ ଶ୍ରୀ ସତ୍ୟ ସାଇ ସ୍ୱୋ ସଂଗଠନ କାମ କରୁଛି। ଲକ୍ଷ ଲକ୍ଷ ଜୀବନ ନବୀନ ଆଶା, ଦିଶା ଏବଂ ସଂକଳ୍ପର ସହ ଆଗକୁ ବଢୁଛି।

ଭଗବାନ ସତ୍ୟସାଇ ବାବାଙ୍କ ମତରେ ଶିକ୍ଷା ଏକ ଅମୂଲ୍ୟ ସମ୍ପଦ। ସେ କହୁଥିଲେ ଶିକ୍ଷା ଜୀବନ ପାଇଁ, ଜିଇଁବା ପାଇଁ ନୁହଁ। ବାବା ପାଞ୍ଚଗୋଟି ଡ - Discipline, Dedication, Devotion, Determination, Discrimination ଓ ପାଞ୍ଚଗୋଟି - Compassion, Charity, Character, Calmness, Contentment ବିଷୟରେ ସର୍ବଦା କହି ଆସୁଥିଲେ। ତାଙ୍କ ମତରେ ଅନୁଶାସନ ହିଁ ଜଣେ ଯଥାର୍ଥ ମଣିଷର ପ୍ରକୃତ ପରିଚୟ। ଯାହା କିଛି ମଧ କରିବା ତାହା ଈଶ୍ୱରଙ୍କୁ ଅର୍ପଣ ଭାବ ନେଇ କରିବା ହେଉଛି ସମର୍ପଣ। ଈଶ୍ୱରଙ୍କ ପ୍ରତି ପ୍ରେମର ପ୍ରବାହକୁ ଭକ୍ତି କିମ୍ବା ନିଷ୍ଠା କୁହାଯାଏ। ଥରେ ସଠିକ ରାସ୍ତା ଚୟନ କଲା ପରେ ପଛକୁ ଫେରି ନଚାହିଁବା ହେଉଛି ଦୃଢ଼ତା। ଠିକ ଓ ଭୂଲ, ସତ୍ୟ ଓ ଅସତ୍ୟ ମଧରୁ ବାଛି ପାରିବାର ସାମର୍ଥ୍ୟ ଆଧାତ୍ମିକ ଜୀବନର ଅସଲ କଳା ଅଟେ। କରୁଣା, ପରୋପକାର, ଚରିତ୍ର ଶାନ୍ତି ଓ ସନ୍ତୁଷ୍ଟି ଦ୍ୱାରା ମାନବ ଜାତିର ସେବା କରାଯାଇ ପାରିବ। କରିବା ଉଚିତ ମଧ। ସ୍ୱାମୀଜୀ କହନ୍ତି ତୁମେ ଜଣେ ନୁହଁ, ତିନି ଜଣ। ଜଣେ ତୁମେ ନିଜେ ନିଜକୁ ଯାହା ଚିନ୍ତା କର, ଜଣେ ତୁମକୁ ଅନ୍ୟମାନେ ଯାହା ଚିନ୍ତା କରନ୍ତି ଓ ଜଣେ ତୁମେ ବାସ୍ତବରେ ଯାହା ଅଟ। ଆତ୍ମା ହିଁ ସାର। ଆତ୍ମା ହିଁ ସତ୍ୟ। ଅନ୍ତରର ଦିବ୍ୟ ସତ୍ୟ। ତାକୁ ଅନୁଭବ କର ଓ ଜିଅଁ। ସମସ୍ତଙ୍କୁ ପ୍ରେମ କର। ସମସ୍ତଙ୍କ ସେବା କର। ଦୁନିଆଁରେ ଏକ ମାତ୍ର ଧର୍ମ ଅଛି। ତାହା ହେଉଛି ଭଲ ପାଇବା। କେବଳ ଗୋଟିଏ ଭାଷା ଅଛି। ତାହା ହେଉଛି ହୃଦୟର ଭାଷା। ଈଶ୍ୱର ଏକ ଅଟନ୍ତି। ସେ ସର୍ବବିଦ୍ୟମାନ। ବାବା ଆଉ ମଧ କୁହନ୍ତି ଲୋକଙ୍କୁ ବିଚାର ନକରି ବୁଝନ୍ତୁ। କାରଣ ବୁଝିଲେ ଗ୍ରହଣୀୟତା ଆସେ, ସ୍ୱୀକୃତୀ ଅନୁକୂଳନ ସୃଷ୍ଟି କରେ ଏବଂ ଆମେ ଯେତେବେଳେ ଅନୁକୂଳନ କରୁ ଅନେକ ସଂଘର୍ଷ ଆକାର ଧାରଣ କରିବା ପୂର୍ବରୁ ସମାପ୍ତ ହୋଇଯାଏ। ସତ୍ୟ ସାଇ ବାବା ଲୋକଙ୍କ ସହାୟତା କରିବା, ତାଙ୍କୁ ସୁସ୍ଥ ରଖିବା ଏବଂ ସେମାନଙ୍କ ବିକାଶ କରିବାରେ ବିଶ୍ୱାସ କରନ୍ତି। ଆଜି ସେ ନାହାନ୍ତି। କିନ୍ତୁ ତାଙ୍କ ବିଚାରଧାରା ଜୀବିତ ରହିଛି ଯାହା ଆମକୁ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାର ମାର୍ଗଦର୍ଶନ କରିବ। ଆସନ୍ତୁ, ସମସ୍ତଙ୍କୁ ଭଲ ପାଇବା। ସମସ୍ତଙ୍କ ସେବା କରିବା। ଜଗତର କଲ୍ୟାଣ ହେବ। ଆମେ କଲ୍ୟାଣୀୟ ହେବା।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

### ଆଜିର ଚିନ୍ତନ

ପଞ୍ଚଭୂତରେ ଗଢ଼ା ଏ ଶରୀର ଦିନେ ସେହି ପଞ୍ଚଭୂତରେ ହିଁ ବିଲୀନ ହୋଇଯିବ। ଏହା ଚିରନ୍ତନ ସତ୍ୟ। ଏହାକୁ କେହି ବଦଳାଇ ପାରିବେ ନାହିଁ। କୋଟି କୋଟି ଅର୍ଥର ଅଳଙ୍କାରରେ ସଜେଇ, ନାନାଦି ପ୍ରସାଧାନ ସମାଗ୍ରୀର ପ୍ରଲେପ ଦେଇ, ବହୁମୂଲ୍ୟ ବସ୍ତ୍ର ପରିଧାନ କରିଥିବା ଏ ଶରୀରର ଶେଷ ପରିଣତି କ'ଣ ତାହା ଯଦି ବିଚାର କରାଯାଏ। ତେବେ ବୃଥା ଗର୍ବ, ଅହଙ୍କାର, ଅଭିମାନ, ଦାମ୍ଭିକତା ସବୁକିଛି ଶୂନ୍ୟରେ ମିଳେଇଯିବ। ଆତ୍ମା ଯେତେବେଳେ ଏ ଶରୀର ତ୍ୟାଗକରେ ସେତେବେଳେ ଏ ଦେହରେ ନା ଥାଏ କୌଣସି ଆଭୂଷଣ, ନା ସାଙ୍ଗରେ ଯାଏ ଧନ ସମ୍ପତ୍ତି, ଐଶ୍ୱର୍ଯ୍ୟ। ତୁଳୀତଳ୍ପ ଶଯ୍ୟାରେ ଶୟନ କରୁଥିବା ଏ ଶରୀର, ଶେଷରେ ଛଅ ଖଣ୍ଡ କାଷ୍ଠନିର୍ମିତ କୋକେଇରେ ବନ୍ଧା ହୋଇ ନିର୍ବସ୍ତ୍ର ଓ ଶୂନ୍ୟହସ୍ତରେ ବିଦାୟ ନେଇ ମୁଠାଏ ପାଉଁଶରେ ପରିଣତ ହୁଏ, ଯାହାକି ସମ୍ପୂର୍ଣ୍ଣ ମୂଲ୍ୟହୀନ। ସଙ୍ଗରେ ଯାଏ ତ କେବଳ କରିଥିବା କର୍ମଗୁଡିକର ଫଳମାନ, ଯାହାକି ପରେ ଆମକୁ ପ୍ରାରବ୍ଧ ବା ସଞ୍ଚିତ ଭାବେ ଭୋଗିବାକୁ ପଡ଼େ। ଆମ ଜୀବନ ବଞ୍ଚିବାର ସମୟ ଏକ ନିର୍ଦ୍ଦିଷ୍ଟ ସୀମାରେଖା ମଧରେ ଆବଦ୍ଧ। ଏହି ସତ୍ୟତାକୁ ଗ୍ରହଣ କରି ନିର୍ଘଣ୍ଟ କରାଯାଇଥିବା ଜୀବନ କାଳ ମଧରେ ଯଦି ଆମେ କିଛି ପୁଣ୍ୟ କାର୍ଯ୍ୟ କରିବା, ତେବେ ବଞ୍ଚି ରହିବାର ପ୍ରକୃତ ଉଦ୍ଦେଶ୍ୟ ସାର୍ଥକ ହୋଇଯିବ। ମଣିଷ ଜୀବନ ପାଇଛୁ ମାନେ ନୁହେଁ ଯେ, ଜୀବନକୁ କେବଳ ଉପଭୋଗ କରିବା। ଭୋଗୀ ହେବା ମାନେ ନୁହେଁ ଯେ, କେବେ ଯୋଗ ସାଧନା କରିପାରିବା ନାହିଁ। ସଂସାର ମଧରେ ରହି ମଧ ଯୋଗୀ ନିଃସନ୍ଦେହରେ ହୋଇପାରିବା। ଏଥିପାଇଁ ସଂସାର ବୈରାଗୀ ହେବା ଆବଶ୍ୟକ ନାହିଁ। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଚରିତକୁ ଯଦି ବିଚାର କରାଯାଏ, ତେବେ ସେ ଭଗବତ୍ ସତ୍ତାଧାରୀ ହୋଇଥିଲେ ମଧ ମାନବୀୟ ଲୀଳା ରଚି ସମସ୍ତ ସଂସାର ପାଇଁ ଆଦର୍ଶ ପାଲଟିଛନ୍ତି। ଐଶ୍ୱର୍ଯ୍ୟସମ୍ପନ୍ନ ହୋଇ ମଧ ଜନକଲ୍ୟାଣ ନିମନ୍ତେ ଅତ୍ୟନ୍ତ କଠୋର ପଦକ୍ଷେପ ନେଇଥିଲେ। ରାଜକୁଳରେ ଜନ୍ମିତ ହୋଇଥିଲେ ମଧ ମାତାପିତାଙ୍କ ଆଦେଶ ପାଳନ ନିମନ୍ତେ ବନବାସଜନିତ କଷ୍ଟକୁ ବରଣ କରିଥିଲେ। ତାଙ୍କର ସମ୍ପୂର୍ଣ୍ଣ ଜୀବନକୁ ଯଦି ସବିଶେଷ ଆଲୋଚନା କରାଯାଏ ତେବେ ମାନବ ଜୀବନ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ହେବ। ତାଙ୍କର ନୀତି ଆଦର୍ଶକୁ ଯଦି ପ୍ରତ୍ୟହ ଶ୍ରବଣ ମାତ୍ର କରାଯାଏ ତେବେ ଏ ଜନସମାଜ ପଥଭ୍ରଷ୍ଟ ହେବାରୁ ବଞ୍ଚିତ ହୋଇଯିବ। କାହାର ମନ୍ଦ ପାଞ୍ଚିବା, ଅନିଷ୍ଟ କରିବା, କର୍କଶ ଶବ୍ଦ ପ୍ରୟୋଗ କରି ଆଘାତ ଦେବା, ଛଳନା କରିବା, ପ୍ରପଞ୍ଚ ରଚିବା ଆଦି ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ନାଶ କରିଦିଏ। ଯେତେଦିନ ବଞ୍ଚିଥିବା ଯଦି କାହାର କିଞ୍ଚିତ ମାତ୍ର ଉପକାରରେ ଆମେ ନିଜକୁ ନିୟୋଜିତ କରିପାରୁଛେ ତେବେ ତାହାକୁ ହାତଛଡ଼ା କରିବା ଉଚିତ୍ ନୁହେଁ। କାରଣ ମନୁଷ୍ୟର ଭଲ ମନ୍ଦ ସେତେବେଳେ ଜଣାପଡ଼େ ଯେତେବେଳେ ତାର ଚତୁଃପାର୍ଶ୍ୱରେ ଘେରି ରହିଥିବା ଭାଇ ବନ୍ଧୁ କୁଟୁମ୍ବ ତା' ବିୟୋଗ ସମୟରେ ଯେଉଁ ପ୍ରଶଂସା ବା ଅପଯଶ ଗାନ କରନ୍ତି। ତେଣୁ ଦୁର୍ଲଭ ଏ ମଣିଷ ଜୀବନର କିଛି କ୍ଷଣ ଯଦି ପରୋପକାର ପାଇଁ ଉତ୍ସର୍ଗ କରାଯାଏ ତେବେ ତାହା ମାନବତାର ପ୍ରକୃତ ଉଦ୍ଦେଶ୍ୟକୁ ପୂର୍ଣ୍ଣତା ପ୍ରଦାନ କରିବ।

# ଶରତ ଓ ଶୀତର ଔଷଧ ଅଦା, ତୁଳସୀ ଓ ବାସଙ୍ଗ

ସାଧାରଣତଃ ବର୍ଷା, ଶରତ ଓ ଶୀତ ଋତୁରେ ଶ୍ୱାସ କାଶଜନିତ ସମସ୍ୟା ଅଧିକ ଦେଖାଯାଏ। ଏହାକୁ ଦୂର କରିବା ପାଇଁ ବାଡ଼ିବଗିଚାରେ ଥିବା ଅଦା, ତୁଳସୀ ଓ ବାସଙ୍ଗର ବ୍ୟବହାର ମଧ କରି ପାରିବେ।

**ଅଦା:** ଛାତିରେ କଫ ଜମି ରହି ଶ୍ୱାସ ହେଉଥିଲେ ଅଦାରସ ସହ ପିପ୍ପଳି ଚୂର୍ଣ୍ଣ ମିଶାଇ ଖାଆନ୍ତୁ। ନିୟମିତ ଖାଇଲେ ଶ୍ୱାସରୁ ମୁକ୍ତି ମିଳିଥାଏ। ସେହିପରି ଶୁଖିଲା କାଶ ହେଉଥିଲେ, ଅଦାରସ, ପିପ୍ପଳୀ ଚୂର୍ଣ୍ଣ ଓ ମହୁ ମିଶାଇ ଖାଆନ୍ତୁ। କାଶ କମିଯିବ। ଯଦି ଖାଦ୍ୟରେ ଅରୁଚି ଓ ଅଗ୍ନିମାନ୍ଦ୍ୟ ହେଉଥାଏ, ତେବେ ଅଦା, କଞ୍ଚା ତେନ୍ତୁଳି ଓ ସୈନ୍ଧବ ଲୁଣ ମିଶାଇ ଚଟଣି କରି ଖାଆନ୍ତୁ। ଅରୁଚି ଦୂର ହେବ।

**ତୁଳସୀ:** ନିୟମିତ ତୁଳସୀ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଶ୍ୱାସ ସମସ୍ୟା ଥିଲେ କଳା ତୁଳସୀ ପତ୍ର ରସ ସହ ମହୁ ମିଶାଇ ଖାଆନ୍ତୁ। ଶ୍ୱାସରୁ ଧଇଁପେଲି ହେଉଥିଲେ କମିଯିବ।

**ବାସଙ୍ଗ:** ବାସଙ୍ଗ ଔଷଧୀୟ ଗୁଣରେ ଭରା। ବାସଙ୍ଗ ପତ୍ର ରସରେ ମହୁ ମିଶାଇ ଦିନକୁ ୨ ଥର ଖାଇଲେ ଶ୍ୱାସ ଓ କାଶରୁ ମୁକ୍ତି ମିଳିଥାଏ। ନାକରୁ ରକ୍ତ ପଡୁଥିଲେ ବାସଙ୍ଗ ପତ୍ର ରସ ବାହାର କରି ନାକରେ ପକାଇଲେ ରକ୍ତ ପଡିବା ବନ୍ଦ ହୋଇଥାଏ। ସାଧାରଣତଃ ବର୍ଷା, ଶରତ ଓ ଶୀତ ଦିନରେ ଦାନ୍ତ ବିନ୍ଧା ଓ ମାଢ଼ି ଦରଜ ହୋଇଥାଏ। ବାସଙ୍ଗ ପତ୍ରର ଚୂର୍ଣ୍ଣକୁ ଦାନ୍ତ ଓ ମାଢ଼ିରେ ଘଷିଲେ ଦାନ୍ତ ହଲିବା, ଦାନ୍ତବିନ୍ଧା ଓ ମାଢ଼ି ଦରଜ ଭଲ ହୁଏ।




ବର୍ଷ ୨୯, ସଂଖ୍ୟା - ୪୮, ୩୦ ନଭେମ୍ବର - ୬ ଡିସେମ୍ବର ୨୦୨୫

# ସମସ୍ତେ ସହରମୁହାଁ

**ଆ**ଧୁନିକତାର ଚାକଚକ୍ୟ ଭିତରେ ଗ୍ରାମ୍ୟ ଜୀବନ ଏବେ ସ୍ମୃତି ହୋଇଗଲାଣି । ଉଗ୍ର ଆଧୁନିକତାର ପ୍ରଭାବ ଦୈନନ୍ଦିନ ଗ୍ରାମ୍ୟ ଜୀବନ ଶୈଳୀ, ଖାଦ୍ୟ ପାନୀୟ ଚାଲିଚଳଣି, ସଂସ୍କୃତି ଏବଂ ପରିବେଶକୁ ମଧ ପ୍ରଭାବିତ କରୁଛି । କାଳର କରାଳ ଗତିରେ ଗାଁର ପ୍ରାକୃତିକ ସୌନ୍ଦର୍ଯ୍ୟ, ସୁଖ ଶାନ୍ତି ମଧ ଲୀନ ହେବାକୁ ବସିଲାଣି ।

'ଭାରତର ପ୍ରକୃତ ଆତ୍ମା ଗାଁରେ ଅଛି' ଗାନ୍ଧିଜୀ କହିଥିବା ଏହି ଉକ୍ତିଟି ମଧ ସମୟକ୍ରମେ ଭୁଲ ପ୍ରମାଣିତ ହେବାକୁ ଲାଗିଲାଣି । କାହିଁକିନା ଏବେ ସମସ୍ତେ ସହର ମୁହାଁ । ପ୍ରାକୃତିକ ସୌନ୍ଦର୍ଯ୍ୟର ପରିବେଶରେ ଗାଁର ଅବସ୍ଥିତି । କାଉର କା କା ରାବରୁ ଗାଁ ର ସକାଳ ଆରମ୍ଭ ହୋଇ ବିଲୁଆର ହୁକେ ହୋ ଶବ୍ଦରେ ସନ୍ଧ୍ୟା ହୋଇଥାଏ । ମାତ୍ର ଦୁଃଖର ବିଷୟ ଆଧୁନିକତା ନାଁରେ ଅସନ୍ତୁଳିତ ପରିବେଶ ହେତୁ କାଉ, ବିଲୁଅ ବି ବିଲୁପ୍ତ ପ୍ରାୟ । ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଗୁଡ୍‌ମର୍ଣ୍ଣିଂରେ ସକାଳ ହେଉଛି । ଓଡ଼ିଆ ଘରର ରୀତିନୀତି ଅନୁଯାୟୀ ଘରର କୂଳବଧୂମାନେ ସକାଳୁ ଘର ଅଗଣାକୁ ଝାଡୁ ମାରି ଗୋବର ପାଣି ପକାନ୍ତି । ମାତ୍ର ସେ ଦୃଶ୍ୟ ଏବ ଦେଖିବାକୁ ମିଳୁନି । ବିଜ୍ଞାନର ଅଗ୍ରଗତି ଫଳରେ ଆଧୁନିକ ଯନ୍ତ୍ରପାତିର ବହୁଳ ବ୍ୟବହାର ହେତୁ ହଳ ଲଙ୍ଗଳ, ଶଗଡ଼କୁ ବର୍ତ୍ତମାନ ପିଢିର ପିଲାମାନେ ଆଉ ଗାଁରେ ନୁହେଁ ସଂଗ୍ରହାଳୟରେ ଦେଖିବାକୁ ଯାଉଛନ୍ତି । ମା' ତାର ପିଲାକୁ ଆଉ ଧୋରେ ବାୟା ଧୋ, ଆ ଜହ୍ନ ମାମୁଁ ସରଗ ଶଶି ଗୀତ ଗାଇ ଶୁଆଇ ଦଉନି ବରଂ ମୋବାଇଲରେ କାର୍ଟୁନ, ରିଲ୍ସ ଦେଖାଇଲେ ପିଲା ଖାଉଛି ଏବଂ ଶୋଉଛି । ଅତ୍ୟାଧୁନିକ ଯନ୍ତ୍ରପାତିର ଉଦ୍ଭାବନ ହେତୁ ମନ୍ଦିରରେ ଆଳତି ପାଇଁ ଆଉ ଲୋକମାନଙ୍କର ଆବଶ୍ୟକତା ପଡୁ ନାହିଁ, ଇଲେକ୍ଟ୍ରିକ ସ୍ୱୟଂ ଚାଳିତ ଯନ୍ତ୍ରରେ ଆଳତି ହୋଇଯାଉଛି । ଆଧୁନିକତାକୁ ଉପଭୋଗ କରିବାକୁ ସମସ୍ତେ ସହରମୁହାଁ । ତେଣୁ ଗାଁରେ ଆଉ ଯୌଥ ପରିବାର ଦେଖିବାକୁ ମିଳୁ ନାହିଁ । ସେଥିପାଇଁ ବର୍ତ୍ତମାନ ପିଢିର ପିଲାମାନେ ଜେଜେ ଜେଜେମାଙ୍କର ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ହେଉଛନ୍ତି । ଗାଁର ଖେଳ ପଡ଼ିଆ ଏବେ ଶୂନ ଶାନ । କାରଣ ମୋବାଇଲ ଓ ଅନଲାଇନ ଗେମ୍ ବର୍ତ୍ତମାନର ଯୁବ ପିଢ଼ିଙ୍କର ମନୋରଞ୍ଜନର ମାଧମ ସାଜିଛି । ଓଡ଼ିଆ ଜାତି ତଥା ଓଡ଼ିଆଙ୍କ ପ୍ରାଣ କୁହାଯାଉଥିବା ପଖାଳ କଂସାଟି ଡାଇନିଂ ଟେବୁଲରେ ନିଜର ସ୍ଥାନ ପାଇଁ ଲଢେଇ କରିଛି । କେବଳ ପଖାଳ ଦିବସରେ ଓଡ଼ିଆ ମାନଙ୍କର ପଖାଳ ପ୍ରତି ଥିବା ପ୍ରେମ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି । ଚୌମିନ, ମ୍ୟାଗି, ନୁଡୁଲ୍ସର ସ୍ୱାଦ ଆମକୁ ଏତେ ପାଗଳ କରିଛି ଯେ ଆମେ ଚୁଡ଼ା ମୁଢ଼ିକୁ ଭୁଲି ଗଲେଣି । ଘରେ ଆଉ ମୁଢ଼ି ଭଜାଯାଉନି କି ଘରକୁ କୁଣିଆଁ ଆସିଲେ ଲେମ୍ବୁ ପାଣି କି ଦହି ସରବତ ଦିଆଯାଉନାହିଁ । କୋଲଡ୍ରିଙ୍କରେ ସ୍ୱାଗତ କରାଯାଉଛି । କୋଲ୍ଡଡ୍ରିଙ୍କ ଦେଇ ନପାରିଲେ କୁଆଡେ ପ୍ରେଷ୍ଟିଜ ପଳେଇ ଯାଉଛି । ପାଶ୍ଚାତ୍ୟ ଖାଦ୍ୟର ପ୍ରଭାବରେ ଓଡ଼ିଆ ଖାଦ୍ୟ ନିଜର ସ୍ଥିତି ହରାଇବାକୁ ବସିଲାଣି । ବର୍ତ୍ତମାନ ପିଢ଼ିର ପିଲାମାନଙ୍କୁ ଓଡ଼ିଆ ଖାଦ୍ୟ ସ୍ୱାଦହୀନ ଲାଗୁଚି, ସେଥିପାଇଁ ତ ରାସ୍ତା କଡ଼ରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ ଷ୍ଟଲ ସବୁ ଦେଖିବାକୁ ମିଳୁଛି । ଉଗ୍ର ଆଧୁନିକତା ଏବଂ ପାଶ୍ଚାତ୍ୟ ସଭ୍ୟତା ଆମ ଓଡ଼ିଆ ସଂସ୍କୃତି ଏବଂ ଗ୍ରାମ୍ୟ ଜୀବନକୁ ନଷ୍ଟ କରିଦେଲାଣି । ଆଧୁନିକତା ନାଁରେ ଗାଁର ଲୋକ ସଂସ୍କୃତି ମଧ ଲୋପ ପାଇଲାଣି । ପର୍ବପର୍ବାଣୀରେ ରାମଲୀଳା, ପାଲା, ଦାସକାଠିଆ, ଘୋଡ଼ାନାଚ ବଦଳରେ ଡିଜେ ଆଉ ଉଲଗ୍ନ ନୃତ୍ୟ ପରିବେଷଣ ହେଉଛି । ନହେଲେ ଲୋକେ ଦେଖିବାକୁ ଆସୁନାହାନ୍ତି । ଗାଁରେ ପୂନେଇ ପର୍ବରେ ବିଭିନ୍ନ ପିଠାପଣା ସାଙ୍ଗକୁ ରଜ ଦୋଳି, ରଜ ପାନ ସହିତ ବିଭିନ୍ନ ସ୍ଥାନରେ ତାସ୍, ଲୁଡ୍ସ, କବାଡ଼ି ଖେଳରେ ଗାଁ ପରିବେଶ ବେଶ ମନୋରମ ଥିଲା । କିନ୍ତୁ ଏବେ ସବୁ ବଦଳି ଗଲାଣି । ବର୍ତ୍ତମାନ ରଜ କହିଲେ ବାର ଦେଖି ଭଲ ମାଂସ ନହେଲେ କିମ୍ବା ଯଦି ଠିକ୍ ଆମିଷ ବାରରେ ରଜ ନ ପଡିଲା ତାହେଲେ ସେ ରଜ ବେକାର । ଖାଲି ରଜ ନୁହେଁ ପ୍ରାୟ ସମସ୍ତ ପୂଜା ପାର୍ବଣରେ ଆଧୁନିକତାର ଛାପରେ ଗ୍ରାମ୍ୟ ଜୀବନର ଶୈଳୀ ବଦଳି ଗଲାଣି । ପୂର୍ବରୁ ପିଲାମାନଙ୍କର ଜନ୍ମ ଦିନରେ ସେମାନଙ୍କର ମଙ୍ଗଳ ପାଇଁ ସତ୍ୟ ନାରାୟଣ ପୂଜା କରାଯାଉଥିଲା, କିନ୍ତୁ ଏବେ ତାହା ଆଉ ନାହିଁ । କେକ୍ କାଟି ପାଳନ କରାଯାଉଛି ଜନ୍ମଦିନ । ଗାଁରେ ହେଉଥିବା ବିବାହ ଉତ୍ସବରେ ହଳଦୀ, ମେହେନ୍ଦି, ସଙ୍ଗୀତ, ପ୍ରି ୱେଡ଼ିଂ ପରି ଆଧୁନିକତା ଏବଂ ଅପସଂସ୍କୃତି ନିଜର କାୟା ବିସ୍ତାର କଲାଣି । ଆଗରୁ ଝିଅମାନେ ବିବାହ ପୂର୍ବରୁ ବିଭିନ୍ନ ସ୍ୱରରେ ବାହୁନା ଶିଖୁଥିଲେ ଏବଂ ଝିଅ ବିଦାୟ ସମୟରେ ବୋଲୁଥିଲେ, କିନ୍ତୁ ଏବେ ତାହା ଇତିହାସ ହୋଇ ଗଲାଣି । ଆଧୁନିକତାର ପ୍ରଭାବ ସବୁଠୁ ବେଶି ପରିବେଶ ଉପରେ ପଡିଛି । ଅସନ୍ତୁଳିତ ପରିବେଶ ପ୍ରଭାବରେ ଜଳବାୟୁ ପରିବର୍ତ୍ତନ ଦେଖାଦେଇଛି । ଠିକ୍ ସମୟରେ ବର୍ଷା ହେଉନିକି କି ଶୀତ ହେଉନି । ବର୍ଷ ସାରା ଗରମ ଅନୁଭୂତ ହେଉଛି । ଶ୍ରାବଣ ମାସରେ ମଧ ବୈଶାଖ ପରି ଝାଞ୍ଜି ରହୁଛି । ଗାଁରେ କୋଇଲି, ହଳଦୀବସନ୍ତ, ଘରଚଟିଆ, ବାଇ ଚଢେଇ ଆଉ ଦେଖିବାକୁ ମିଳୁନି । ସତରେ ଆଧୁନିକତାର ପ୍ରଭାବରେ ଆମର ଜୀବନ ଶୈଳୀ ବଦଳି ଯାଇଛି ସତ ଆମେ ଖୁସିରେ ରହୁଚେ କିନ୍ତୁ ଶାନ୍ତିରେ ନୁହେଁ । ଆଗାମୀ ଦିନରେ ଏହାର ପ୍ରଭାବ ଆହୁରି ଉତ୍କଟ ରୂପ ଧାରଣ କରିବ । ତେଣୁ ବର୍ତ୍ତମାନର ଯୁବ ପିଢ଼ି ଏଥିପ୍ରତି ଧାନ ଦେବାକୁ ପଡ଼ିବ ନହେଲେ ମଣିଷ ସମାଜ ମଧ ଡାଇନୋସର ପରି ଲୋପ ପାଇଯିବ ।



# ଆଦର୍ଶ ବିବାହ

ମହାତ୍ମା ଗାନ୍ଧୀ

**ଶ**ରୀରର ମାଧମରେ ଆଧାତ୍ମିକ ସମ୍ମିଳନ ହିଁ ବିବାହର ସମ୍ମୁଖରେ ଆଦର୍ଶ ହୋଇ ରହି ଆସିଛି । ଯେଉଁ ମାନସିକ ପ୍ରେମକୁ ତାହା ପ୍ରକଟ କରେ, ତାହା ଦିବ୍ୟ ଅର୍ଥାତ୍ ବିଶ୍ୱପ୍ରେମ ଆଡକୁ ଏକ ସୋପାନ ହେବାଲାଗି ଅଭିପ୍ରେତ ହୋଇ ରହିଥାଏ । ସମ୍ପୂର୍ଣ୍ଣ ପରିହାର, ସମ୍ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ, ଏଇଟି ହେଉଛି ଆଦର୍ଶର ଅବସ୍ଥା । ଯଦି ତାହାର କଳ୍ପନା କରିବାକୁ ମଧ ତୁମର ସାହସ ନ ହେଉଛି, ତେବେ ତୁମେ ଅବଶ୍ୟ ବିବାହ କରିବ, ମାତ୍ର ସେହି ଅବସ୍ଥାରେ ମଧ ତୁମକୁ ଆତ୍ମ ସଂଯମର ଏକ ଜୀବନ ବଞ୍ଚିବାକୁ ହେବ । ଯେଉଁମାନେ ଏକ ଆଧାତ୍ମିକ ଅଥବା ଉଚ୍ଚତର ଜୀବନର ଆକାଂକ୍ଷା ରଖିଛନ୍ତି, ସେହିମାନେ ହିଁ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ଅଥବା ବିବାହିତ ଅଥବା ବିବାହିତ ବ୍ରହ୍ମଚର୍ଯ୍ୟର କଳ୍ପନା କରିପାରିବେ । ସେଭଳି ଏକ ଜୀବନ ଲାଗି ଏହା ଏକାନ୍ତ ଅପରିହାର୍ଯ୍ୟ ।

ବିବାହ ହେଉଛି ଜୀବନର ଗୋଟିଏ ସ୍ୱାଭାବିକ ଘଟଣା ଏବଂ ତାହାକୁ କୌଣସି ପ୍ରକାରେ ଏକ ଅପମାନଜନକ କାର୍ଯ୍ୟ ବୋଲି ବିଚାର କରିବା ସମ୍ପୂର୍ଣ୍ଣ ଭୁଲ । ବିବାହକୁ ଆମେ ଏକ ସଂସ୍କାର ବୋଲି ଦେଖିବା ତାହା ହିଁ ଆଦର୍ଶ ଏବଂ ତେଣୁ ବୈବାହିକ ଜୀବନରେ ଆମକୁ ଆତ୍ମ ସଂଯମର ହିଁ ଏକ ଜୀବନ ଅତିବାହିତ କରିବାକୁ ହେବ ।

ଯୌନ ଲାଳସାକୁ ଚରିତାର୍ଥ କରିବା ନିମନ୍ତେ କରା ଯାଉଥିବା ବିବାହ ଆଦୌ ବିବାହ ନୁହେଁ । ଏହା ହେଉଛି ବ୍ୟଭିଚାର ଏହାକୁ କାମାତୁରତା ବୋଲି କୁହାଯାଇ ପାରିବ ।

ମନୁ ପ୍ରଥମ ସନ୍ତାନକୁ ଧର୍ମଜ ବୋଲି ବର୍ଣ୍ଣନା କରିଛନ୍ତି ଅର୍ଥାତ୍ ସିଏ ଏକ କର୍ତ୍ତବ୍ୟବୋଧର ପ୍ରେରଣାରୁ ଜନ୍ମ ହୋଇଥାଏ । ପ୍ରଥମ ସନ୍ତାନଟି ପରେ ଜନ୍ମ ହେଉଥିବା ଅନ୍ୟ ସନ୍ତାନମାନଙ୍କୁ ସେ କାମଜ କାମନାରୁ ଜନ୍ମ ହେଉଥିବା ସନ୍ତାନ ବୋଲି କହିଛନ୍ତି । ସଂକ୍ଷେପରେ ତାହା ହିଁ ଆମଲାଗି ଯୌନ ସମ୍ବନ୍ଧର ବିଧାନଟିକୁ ନିରୂପିତ କରି ଦେଉଛି । ଭଗବାନ ମଧ ଏକ ପରମ ବିଧାନ ବ୍ୟତୀତ ଆଉ କ'ଣ ହୋଇ ପାରନ୍ତି ? ଭଗବାନଙ୍କୁ ମାନିବାର ଅର୍ଥ ହେଉଛି ସେହି ବିଧାନକୁ ମାନିବା ।

କାମନାର ଚରିତାର୍ଥ ବିଧାନ ନିମନ୍ତେ ଯୌନ ସଙ୍ଗମ କରିବାକୁ ପଶୁତ୍ୱକୁ ପୁଣି ଫେରିଯିବା ବୋଲି କୁହାଯିବ ଏବଂ ତେଣୁ, ତାହାର ଉପରକୁ ଉଠିବା ହିଁ ଜଣେ ମନୁଷ୍ୟର ପ୍ରୟାସ ହୋଇ ରହିବା ଉଚିତ । ମାତ୍ର, ପତି ପତ୍ନୀ ସମ୍ପର୍କ କ୍ଷେତ୍ରରେ ଏହା ସମ୍ଭବ ନ ହେଉଥିଲେ ତାହାକୁ ଆମେ ଏକ ପାପ ଅଥବା କଳଙ୍କ ବୋଲି ଆଦୌ କହିବା ନାହିଁ । ଆପଣାର ରସନାତୃପ୍ତି ଲାଗି ପୃଥିବୀର କୋଟି କୋଟି ମନୁଷ୍ୟ ଖାଦ୍ୟ ଖାଉଛନ୍ତି, ସେହିପରି କୋଟି କୋଟି ସ୍ୱାମୀ ଓ ସ୍ତ୍ରୀ ଆପଣା କାମବାସନାର ପରିତୃପ୍ତି ନିମନ୍ତେ ଯୌନକ୍ରିୟାରେ ଲିପ୍ତ ହୋଇ ରହିଛନ୍ତି । ସେମାନେ ଏହା ସର୍ବଦା କରୁଥିବେ ଏବଂ ଆପଣାର ଶୃଙ୍ଖଳାରେ ବ୍ୟତିକ୍ରମ ଘଟିଲେ ପ୍ରକୃତି ଯେଉଁସବୁ ଅଗଣିତ ଅନିଷ୍ଟକୁ ଶାସ୍ତି ସ୍ୱରୂପ ଆଣି ଆମ ଉପରେ ଲଦି ଦେଇଥାଏ, ସେମାନେ ସେହି କଠୋର ଶାସ୍ତିକୁ ମଧ ଭୋଗ କରୁଥିବେ । ସ୍ୱାମୀ ଏବଂ ସ୍ତ୍ରୀ ମଧରେ ରହିଥିବା ଅଦୂଷିତ ପ୍ରେମ ଅନ୍ୟ ସକଳ ପ୍ରେମ ତୁଳନାରେ ଆମକୁ ଈଶ୍ୱରଙ୍କର ଅଧିକ ନିକଟବର୍ତ୍ତୀ କରାଇନିଏ । ଯେତେବେଳେ ସେହି ଅଦୂଷିତ ପ୍ରେମ ସହିତ ଯୌନ ସମ୍ପର୍କ ମିଶିକରି ରହିଥାଏ, ସେତେବେଳେ ଆମେ ତଦ୍ୱାରା ପରମ ସୃଷ୍ଟିକର୍ତ୍ତାଙ୍କ ଠାରୁ ଦୂରକୁ ଚାଲି ଯାଇଥାଉଁ । ତେଣୁ, ଯେଉଁ କ୍ଷେତ୍ରରେ କୌଣସି ଯୌନ ଚେତନା ଅଥବା ଯୌନ ସମ୍ପର୍କ ରହି ନ ଥାଏ, ସେଠାରେ ବିବାହର ଅବସର ରହିବ କି ନାହିଁ, ତାହା ମଧ ଏକ ପ୍ରଶ୍ନ ହୋଇ ରହିଥାଏ ।

# ଗୀତା ଓ ଯୁଦ୍ଧ

ଡା. ନାମଯଜ୍ଞ ମିଶ୍ର

**ଗୀ**ତା ସୁଗୀତା ପରମ ପୁନୀତା" - ଶ୍ଳୋକରୁ ସ୍ପଷ୍ଟ ହୁଏ ଯେ ପ୍ରାଚୀନ କାଳରେ ଭଗବଦ୍ ଗୀତାକୁ ଗାନ କରାଯାଉଥିଲା । ଏହାର ଶ୍ଳୋକାବଳୀ ଗୁଡିକର ବିଭିନ୍ନ ଛନ୍ଦ ରଚନାରୁ ଏହା ଆହୁରି ସତ୍ୟ ପ୍ରମାଣିତ ହୁଏ, ଅଧୁନା ଏହାକୁ ଗାନ କରିବାର ମର୍ମଜ୍ଞଙ୍କର ଅଭାବ ହେତୁ ପାଠ କରାଯାଉଛି ଆମେ 'ଗୀତାପାଠ' ବୋଲି କହୁଅଛୁ । ଅନ୍ୟଥା ଏହାର ସାଂଗିତିକତା ଅତ୍ୟନ୍ତ ମନୋହାରିଣୀ ଥିଲା ।

ସର୍ବୋପନିଷଦ ଗାବୋଦୋଗ୍ଧା ଗୋପାଳନନ୍ଦନଃ । ପାର୍ଥବତ୍ସ, ସୁଧୀଭୋକ୍ତା ଦୁଗ୍‌ଧଂ ଗୀତାମୃତଂ ମହତ୍ । ସର୍ବେଶ୍ୱର ଶିଶୁ ଶ୍ରୀକୃଷ୍ଣ ଗୁରୁ ସାନ୍ଦିପନିଙ୍କ ଆଶ୍ରମରେ ଶିକ୍ଷାକାଳରେ ସହସ୍ର ସହସ୍ର ମନ୍ତ୍ରଦ୍ରଷ୍ଟା ଋଷିଙ୍କର ଯୁଗଯୁଗ ଧରି ସାଧନା କରି ଯେଉଁ ବେଦଶାସ୍ତ୍ର ଉପନିଷଦ ରଚନା କରି ଯାଇଥଲେ ତାକୁ ସେ (ଶ୍ରୀକୃଷ୍ଣ) ଗୁରିଦିନରେ ଆୟତ କରିପାରିଥିଲେ । ତେଣୁ ଗୁରୁ ସନ୍ଦିପନୀ କହିଥିଲେ, ତୁ ତ ସକଳ ଶାସ୍ତ୍ରର ଆଧାର, ତୋର ଶାସ୍ତ୍ର ପାଠ କି ଦରକାର ? ତେବେ ବି ସାମାଜିକ ପରଂପରା ରକ୍ଷାର୍ଥେ ପ୍ରଭୁ ଶ୍ରୀକୃଷ୍ଣ ଗୁରୁ ଗୃହରେ ରହି ବିଦ୍ୟା ଅଧ୍ୟୟନ କରିଥିଲେ ଓ ସ୍ୱୀୟ ଅଲୌକିକ ଶକ୍ତି ବଳରେ ଗୁରୁଙ୍କର ମୃତପୁତ୍ରଙ୍କୁ ଜିଆଁଇ ଆଣିଦେଇଥିଲେ । ମାନବ ସଭ୍ୟତା ଓ ସଂସ୍କୃତିକୁ ଉଚ୍ଚାଦର୍ଶକୁ ଘେନିଯିବାକୁ ଘୋର ସଂଗ୍ରାମଭୂମିରେ ଅର୍ଜୁନଙ୍କୁ ଗୀତାମୃତ ଶୁଣାଇଥିଲେ । ଲକ୍ଷ୍ୟଥିଲା "ଉଦାତ୍ତ ତେ ପୁରୁଷ ନାବଯାନ" ଅର୍ଥାତ ହେ । ପୁରୁଷ । ସର୍ବଦା ତୋର ଉର୍ଦ୍ଧ୍ୱକୁ ଗତି ହେଉ । ମାନବକୁ ତାର ପୂର୍ବସୁରୀ ସିଦ୍ଧ ସାଧକ ମନୁଜଙ୍କ ବିରଚିତ ଉପନିଷଦ ଗୁଡିକ ମାଧମରେ ହିଁ ବୁଝାଇ ହୁଏ । ତେଣୁ ଭଗବାନ ଶ୍ରୀକୃଷ୍ଣ ପୂର୍ବ ରଚିତ ସକଳ ଉପନିଷଦର ସାରକୁ ଦୋହନ କରି ଅର୍ଜୁନକୁ ବକ୍ତା ରୂପେ ରଖି ଯେଉଁ ଗୀତା ରୂପୀ ଦୁଗ୍ଧ ସୁଧୀ ମାନଙ୍କର ପାଇଁ ଦେଇଗଲେ ତାର ପଟାନ୍ତର ନାହିଁ । ଏଠି ପ୍ରଶ୍ନ ଉଠେ, ଭଗବାନ ଶ୍ରୀକୃଷ୍ଣ ଖାଲି ପୂର୍ବ ପଠିତ ସବୁ ଉପନିଷଦର ସାରକୁ ଆଣି ଗୀତାଦୁଗ୍ଧ କଲେ ନା ତାଠୁଁ ଅଧିକ କିଛି ନିଜେ ବି ଦେଲେ । ଦୁଗ୍ଧଂ ଗୀତାମୃତଂ ମହତଳ' ରୁ ସ୍ପଷ୍ଟ ହୁଏ ଯେ ସେ ସର୍ବଉପନିଷଦର ନରହି ଗୀତା ମହନୀୟ ଅମୃତ ପାଲଟିଗଲା । ଅମୃତ ପାନ କଲେ ମୃତ୍ୟୁଭୟ ନଥାଏ । ଦେବତ୍ୱ ମିଳେ କିନ୍ତୁ ଏହାସତ୍ତ୍ୱେ ଏହା ବ୍ୟାଧ, ପୀଡନ, ଅଭିଶାପ ଆଦିର ଶୀକାର ହେବାରୁ ନିଷ୍କୃତି ଦେଇନଥାଏ, କ୍ରୋଧ, ଈର୍ଷା, ପୀଡା, ଯନ୍ତ୍ରଣାରୁ ସଦା ବିମୁକ୍ତି ଦେଇପାରେ ନାହିଁ । ଯାହାକି ପୁରାଣରୁ ଆମ୍ଭେମାନେ ଦେବଜଗତ ବିଷୟରେ ଜାଣୁ । କିନ୍ତୁ ଗୀତାମୃତ ଏପରି ମହତ ଅମୃତ ଯେ ଏହା ପାନକଲେ ମୃତ୍ୟୁର ଭୟ ତ ଅଚିରେ ଦୂରେଇଯାଏ । ସମସ୍ତ ଆଧିବ୍ୟାଧିକୁ ସଂପୂର୍ଣ୍ଣ ଲୋପକରି ମୋକ୍ଷଦାନ ଦେଇ ଆତ୍ମାକୁ ଈଶ୍ୱର ଅଙ୍ଗୀଭୂତ କରିଦିଏ ।

ଗୀତାମୃତ ଯାହାଙ୍କର ମୁଖାରବିନ୍ଦରୁ ନିଃସୃତ ହେଲା ସିଏ ଭଗବାନ ଶ୍ରୀକୃଷ୍ଣ । ଯାହାକୁ (ଅର୍ଜୁନଙ୍କୁ) ଆସ୍ୱାଦି ବାରକିୟତ୍ ସୁଯୋଗ ଦେଲେ ବା ଯାହାକୁ ନିମିତ୍ତ କରି ଶୁଣାଇଲେ ସିଏ ପାଲଟିଗଲେ 'ଦ୍ୱିତୀକୃଷ୍ଣ' । ଯିଏ ଏହାକୁ ଗ୍ରନ୍ଥାକାରେ ଗ୍ରଥିତ କଲେ ସେଇ ବେଦବ୍ୟାସ ହେଲେ "କୃଷ୍ଣଦୈପାୟନ" ଭାବରେ ପରିଚିତ । ଯିଏ ଏହାକୁ ପାଠକଲା ସେ କୃଷ୍ଣାର୍ପିତୀ - ସୁତରାଂ ଗୀତା ଓ କୃଷ୍ଣ ଅଭିନ୍ନ ଏଥିରେ ସନ୍ଦେହ ରହିନପାରେ । ଗୀତାର ଉପଭୋକ୍ତାକୁ ଦେଖାଯାଏ " କୃଷ୍ଣମୟଜଗତ୍ " ।

ଗତବର୍ଷ ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଇଥିଲା ଯେକୌଣସି ୟୁରୋପୀୟ ରାଷ୍ଟ୍ରରେ ଖ୍ରୀଷ୍ଟାନ୍ ମିଶନାରୀ ମାନେ ଗୀତା ଏକ ଯୁଦ୍ଧ ଶାସ୍ତ୍ର ଓ ଏହାର ପ୍ରଚାର ପ୍ରସାର ରାଷ୍ଟ୍ରପକ୍ଷରେ ମାରାତ୍ମକ ବୋଲି କେଶ୍ କରିବାରୁ ସେଠାକାର କୋର୍ଟ ଗୀତାର ପଠନ ପାଠନକୁ ନିଷେଧ କରି ଦେଇଥିଲେ । ପରବର୍ତ୍ତୀ ସମୟରେ କୃଷ୍ଣ ବୈଦାତିକ ଗଣ ଲଢି କୋର୍ଟରେ ସିଦ୍ଧ କରିଥିଲେ ଯେ ଗୀତା ଏକ ଯୁଦ୍ଧ ଶାସ୍ତ୍ର ନୁହେଁ । ଏହା କୌଣସି ସଂକୀର୍ଣ୍ଣ ଧର୍ମଶାସ୍ତ୍ର ବି ନୁହେଁ ବରଂ ସର୍ବଧର୍ମ ସମନ୍ୱୟର ଆଧାତ୍ମିକ ଜିଜ୍ଞାସାକୁ ପ୍ରଶମିତକାରୀ । ମହତ୍ ମାନବ ଶାସ୍ତ୍ର ଅଟେ । କୋର୍ଟ ନିଜ ନିଷେଧାଜ୍ଞା ଉଠାଇ ନେଇଥିଲେ ଓ ଆଜି ସମଗ୍ର ଇଉରୋପର ବହୁ ରାଷ୍ଟ୍ରରେ ଗୀତା ଏକ ପବିତ୍ର ଧର୍ମଶାସ୍ତ୍ର ଭାବରେ ପଠିତ ପାଠିତ ହେଉଅଛି । ଏପରିକି ଯୁକ୍ତରାଷ୍ଟ୍ର ଆମେରିକାରେ ସିନେଟ୍ ସଦନରେ ମଧ ବୋଲାଯାଉଛି ପବିତ୍ର ପ୍ରାରମ୍ଭିକ ବାଣୀ ଭାବରେ । ପ୍ରଶ୍ନ ଉଠେ, 'ଗୀତା' କୁ ଯୁଦ୍ଧଶାସ୍ତ୍ର କୁହାଯିବାର କାରଣ କଣ ? ଗୀତାର ଜନ୍ମ ଯୁଦ୍ଧକ୍ଷେତ୍ରରେ । ଧର୍ମକ୍ଷେତ୍ର କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବ । ମାମକା ପାଣ୍ଡବର୍ଚ୍ଚେ ବ କିମ୍ କୁର୍ବତ ସଂଜୟ' ରୁ ଏହା ସ୍ପଷ୍ଟ ଅବଶ୍ୟ କୋଟି ଅଶ୍ୱମେଧରେ ପବିତ୍ର ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ହିଂସାପ୍ରଣୋଦିତ ସଂଗ୍ରାମର ଅଭିଯୋଜନା ତତ୍କାଳୀନ ସଭ୍ୟ କ୍ଷତ୍ରିୟଗଣଙ୍କର ବୈଶ୍ୱରିକ ଅଧୋଗତିକୁ ଯେ ନିର୍ଦ୍ଦେଶ କରୁଅଛି ଏହା ଏକ ଅନ୍ୟ ବିଷୟ । ତେବେ ସେହି ଯୁଦ୍ଧଭୂମିରେ ପ୍ରବେଶ ମାତ୍ରକେ ଯୁଜୁହୁ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ନିଜ ଅହମିକା ଦର୍ଶାଇ ନନ୍ଦୀଘୋଷକୁ ଉଭୟ ସେନାର ମଧସ୍ଥଳକୁ ନେବାକୁ କହିଛନ୍ତି । ମୁଁ ଦେଖିବାକୁ ଚାହେଁ, ମୋଭଳି ଦିଗ୍‌ବିଜୟୀ ବୀର ସହ ଲଢିବାକୁ କେଉଁମାନେ ଆସ୍ପର୍ଦ୍ଧା କରିଆସିଛନ୍ତି । କିନ୍ତୁ ଯୁଦ୍ଧର ମଧସ୍ଥଳରେ ପହଂଚି ସେଇ ଅର୍ଜୁନ ନିଜର ପ୍ରତିପକ୍ଷ ରୂପେ ଆପଣାର ଅଜା, ଗୁରୁ, ମାତୁଳ, ଭାତୃଗଣ ଓ ତାଙ୍କର ସନ୍ତାନ ସ୍ଥିର କରିଛନ୍ତି । ତାଙ୍କ ମୁହଁରୁ ବାହାରି ପଡିଛି "ହତ୍ୱାର୍ଥ କାମାଂସ୍ତୁ ଗୁରୁ ନି ହୈବ ଭୁଞ୍ଜୀୟ ଭୋଗାନ ରୁଧିରୁ ପ୍ରଦିଗ୍ଧାନ ।"


ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

# ସ୍ବର୍ବେଦ

**ସଲିଲ ରୂପ ନିଃଶବ୍ଦ ହୈ,**
**ଉମଡ଼ା ସିନ୍ଧୁ ଅପାର ।**
**ଶ୍ୱେତ ରୂପ ଅକ୍ଷର ଖଡ଼ା, ଅକ୍ଷର**
**ସେ ସଂସାର ।।୬୯।।**

ଭାଷ୍ୟ - ଉଚ୍ଛୁଳୁ ଥିବା ଅପାର ସମୁଦ୍ରର ଜଳରୂପୀ ପରମ ପୁରୁଷ ଅଟନ୍ତି, ଯେଉଁଥିରେ ଶ୍ୱେତ ରୂପୀ ଅକ୍ଷରବ୍ରହ୍ମ ଛିଡ଼ା ହୋଇଛନ୍ତି, ଯାହାଙ୍କ ଦ୍ୱାରା ପ୍ରକୃତି ଜଗତର ବିସ୍ତାର ହୋଇଛି । ନିଃଶବ୍ଦ ପରମ ପୁରୁଷ ଏକପାଦ ଜଗତରେ ଅକ୍ଷର ଦ୍ୱାରା ସୃଷ୍ଟିର ନିର୍ମାଣ କରନ୍ତି ।

**ଇସ ରହସ୍ୟ କୋ ଜାନତା, ଗୁପ୍ତ**
**ହଁସ ପତି ସୋୟ ।**
**ଅଜ ଗୁରୁ ସୁକୃତ ଦେଓ୍ୱ ହୈଁ, ହଁସ**
**ଉଧାରକ ସୋୟ ।।୭୦।।**




ଭାଷ୍ୟ - ଏହି ରହସ୍ୟ ବିଷୟରେ ଅବଗତ ଥିବା ଗୁପ୍ତ ହଂସପତି ଅଜଗୁରୁ ସୁକୃତଦେବ ଅଟନ୍ତି । ଯିଏ ଆତ୍ମାର ଉଦ୍ଧାରକର୍ତ୍ତା ଅଟନ୍ତି ।

**ଦୋ ଯୁଓ୍ୱତୀ ଦୋ ଶକ୍ତି ହୈଁ,**
**ଅକ୍ଷର ମାୟା ସୋୟ ।**
**ସୃଷ୍ଟି ଧାର ମେଁ ପ୍ରକଟତୀ, ଜଡ଼**
**ଚେତନ ଭଓ୍ୱ ଦୋୟ ।।୭୧।।**

ଭାଷ୍ୟ - ଅକ୍ଷର ଏବଂ ମାୟା ଦୁଇ ଯୁବତୀ । ଏହି ଜଡ଼ ଏବଂ ଚେତନ ଦୁଇ ଶକ୍ତି ସୃଷ୍ଟିକ୍ରମର ନିର୍ମାଣ କରି ସଂସାରକୁ ପ୍ରକଟ କରନ୍ତି ।

**ରମ୍ଭା ଅମ୍ଭା ନାମ ହୈ, ତାସେ**
**ଶକ୍ତି ଅଧାର ।**
**ଷଟ ଖୁଁଟୀ ହୈ ସୃଷ୍ଟି କା, ତାମେଁ**
**ଜଗତ ପସାର ।।୭୨।।**

ଭାଷ୍ୟ - ରମ୍ଭା ଅମ୍ଭା ନାମକ ଦୁଇ ଶକ୍ତିର ଆଧାରରେ ଛଅ ଖୁଣ୍ଟ ହୋଇଥାନ୍ତି, ଯାହାଙ୍କ ଦ୍ୱାରା ଜଗତର ବିସ୍ତାର ହୋଇଥାଏ ।

**ଦ୍ରଂଗ ଧାରା ହୈ ଧୂର ପୁଟ, ତାପ**
**ଶୀନ ହୈ ନାମ ।**
**ଯହ ଷଟ୍ ଖୁଁଟୀ ସୃଷ୍ଟି କା, ରଚନା**
**ଲୋକନ କାମ ।।୭୩।।**

ଭାଷ୍ୟ - ଦୁର୍ଗ, ଧାରା, ଧୂର, ପୁଟ, ତାପ ଆଉ ଶୀନ - ଏହି ଛଅଗୋଟି ଖୁଣ୍ଟି ସୃଷ୍ଟିର ଅଟନ୍ତି ଯେଉଁମାନେ ଜଗତ ନିର୍ମାଣରେ ସହାୟକ ହୋଇଥାନ୍ତି ।

**ତାନା ଏକ ଲଗାଓ୍ୱତୀ, ଓ୍ୱାନା**
**ଦୂସର ଭାର ।**
**ସୃଷ୍ଟି ଜାଲ ବୁନତୀ ଚଲୀ,**
**ପହୁଁଚେ ଅନ୍ତ ନ ପାର ।।୭୪।।**

ଭାଷ୍ୟ - ଗୋଟିଏ ସୂତ୍ର ବିସ୍ତାର କରୁଥିବା ବେଳେ ଅନ୍ୟଟି ବାନା ଭରୁଥାଏ - ଏ ଦୁହେଁ ସୃଷ୍ଟିଜାଳକୁ ବୁଣନ୍ତି । ମାତ୍ର ସେମାନେ କାର୍ଯ୍ୟର ସମାପ୍ତି ପର୍ଯ୍ୟନ୍ତ ପହଞ୍ଚି ପାରନ୍ତି ନାହିଁ, ନା ତାକୁ ଅତିକ୍ରମ କରି ପାରନ୍ତି ।

# ଗୀତା ଓ ଯୁଦ୍ଧ...

(ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଏଇ ଯୁଦ୍ଧବିରାଗୀ ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ଗୀତା ଶୁଣାଇ ନିଜ ବିଶ୍ୱରୂପ ଦେଖାଇ ଏପରି ମୋହ କରିଦେଲେ ଯେ ସେ ଯୁଦ୍ଧରେ ପ୍ରବୃତ୍ତ ହୋଇ କୁରୁକୁଳର ବିନାଶର କର୍ଣ୍ଣଧାର ବନିଗଲେ । ତେଣୁ ଯୁଦ୍ଧରେ ପ୍ରବୃତ୍ତ କରିବାକୁ କଥିତ ଗୀତାବାଣୀ "ହତୋ ବା ପ୍ରାପ୍ୟସି ସ୍ୱର୍ଗଂ" ଜିହ୍ୱାବା ଭୋଗ୍ୟ ସି ମହୀମ୍ । ତଦୁତିଷ୍ଠ କୌନ୍ତେୟ ଯୁଦ୍ଧାୟକୃତ ନିଶ୍ଚ ୟଃ । ଯୁଦ୍ଧ ନ କରିବା ଭଲ କଥା । ଅହିଂସା ପରମଧର୍ମ । ତେବେ ପରମେଶ୍ୱର ଶ୍ରୀକୃଷ୍ଣ ଯାହାଙ୍କର ପରା ପର ନାହିଁ, ସେଇ ପ୍ରଭୁ ନାନା ଜ୍ଞାନ ବଖାଣି ଯୁଦ୍ଧ ବୈରାଗୀକୁ ଯୁଦ୍ଧରେ ପ୍ରବୃତ୍ତ କଲେ କାହିଁକି ?

ଉପନିଷଦର ଉପନିଷଦ, ସଂହିତାର ସଂହିତା 'ମାନବ ସଂହିତା' । ଜଟିଳ ମାନବ ଜୀବନ ଭଳି ଏହାକୁ ବୁଝିବା ପୁରାଣ ଅନୁସାରେ ସୃଷ୍ଟିର ପ୍ରାରମ୍ଭରେ କଶ୍ୟପ ଋଷି ଦକ୍ଷ ପ୍ରଜାପତିଙ୍କର ତେରୋଟି କନ୍ୟାଙ୍କୁ ବିବାହ କରି ଜ୍ୟେଷ୍ଠା ଦିତିଙ୍କ ଠାରୁ ଦୈତ୍ୟ ମାନଙ୍କୁ ଜାତ କରିଥିଲେ । ଏ ଦୈତ୍ୟଗଣ ନିରଂକୁଶ ଭାବେ ପ୍ରକୃତିକୁ ଦୋହନ କଲେ ଓ ପ୍ରାଣୀ ମାନଙ୍କୁ ହତ୍ୟା କଲେ, ନିର୍ଯ୍ୟାତିତ କଲେ ଏମାନେ । ପାପାୟ ପରପୀଡନାୟ, ନୀତି ସ୍ରୋତରେ ଭାସି ଆତଙ୍କର କାରଣ ହେଲେ । ସନ୍ତୁଳନ ରକ୍ଷାର୍ଥେ କଶ୍ୟପ ତାଙ୍କ ଦ୍ୱିତୀୟା ପତ୍ନୀ ଅଦିତିଙ୍କ ଗର୍ଭରୁ ଦେବଗଣଙ୍କୁ ଜନ୍ମ ଦେଲେ । ଜିବ, ଧାତୁ ଦେବା ଅର୍ଥରେ ସୁତରାଂ ସୃଷ୍ଟି ଓ ପ୍ରାଣୀ ରକ୍ଷାର୍ଥେ ଦେବତାମାନେ ପରୋପକାର ସ୍ୱର୍ଗୀୟ ନୀତି ନିଷ୍ଠ ରହି ନିଜକୁ ନିଃଶେଷ କରିବାରେ ପ୍ରବୃତ୍ତ ହେଲେ । ନିଜକୁ ଜଳ, ଅଗ୍ନି, ବାୟୁ, ବୃକ୍ଷ, ନଈ ରୂପରେ ପ୍ରବୃତ୍ତିତ କରି ସୃଷ୍ଟିର କଲ୍ୟାଣରେ ଲାଗି ରହିଲେ । ତଥାପି ସୃଷ୍ଟିର ସନ୍ତୁଳନ ରହିଲା ନାହିଁ । ଦଳେ ସୃଷ୍ଟି କଲ୍ୟାଣରେ ରହିବା ବେଳେ ଦଳେ ସବୁକୁ ବିନାଶ କରିବାକୁ ମାଡି ଆସିଲେ । ତେଣୁ ଭଗବାନଙ୍କ ନିର୍ଦ୍ଦେଶରେ କଶ୍ୟପ ଋଷି ସ୍ୱୀୟ ଅନ୍ୟତମ ପତ୍ନୀ ମନୁଙ୍କ ଠାରୁ ସୃଷ୍ଟି କଲେ ମାନବକୁ । ମାନବ ହେଲା ମଧ୍ୟମ ଗୁଣର ଅଧିକାରୀ । ସେ ପରୋପକାର ସଙ୍ଗେସଙ୍ଗେ ନିର୍ବିରୋଧ ଶରୀର ଯାତ୍ରାଧର୍ମ ତ ଗ୍ରହଣ କରିନେଲା ଦେବତାଙ୍କ ଭଳି କିନ୍ତୁ ବିରୋଧ ଆସିଲେ ନିଜ ଜୀବନ ସଂକଟରେ ପଡିଲେ ଦେବଙ୍କ ଭଳି ନିଜ ସ୍ଥିତି ନ ହରାଇ 'ଆତ୍ମନୋରକ୍ଷତେ ବିଶ୍ୱ' ନୀତିରେ ଆତ୍ମରକ୍ଷା ସକାଶେ ସଂଗ୍ରାମ କରିବାକୁ ମଧ୍ୟ ପଛେଇଲା ନାହିଁ । ଏହି ନୀତି ଅବଲମ୍ବନ କରି ଦୁଷ୍ଟଶକ୍ତିର ବିନାଶ ଓ ସନ୍ଥ ପାଳନ ମାନବର ସ୍ୱଧର୍ମ ପାଲଟିଗଲା । ଆପଣାର ସ୍ଥିତିରକ୍ଷା ନକରି ସେ ସନ୍ଥ ଓ ନୀରିହଙ୍କୁ ପାଳିବ କିପରି ? ମାନବର ପ୍ରୋକ୍ତ ସ୍ୱଧର୍ମ ଯୋଗୁଁ ମାନବୀୟ ସଭ୍ୟତା ଓ ସଂସ୍କୃତି ଆଗେଇଲା । ସ୍ୱୟଂ ଭଗବାନ ମଧ୍ୟ ଏହି ନୀତିକୁ ପ୍ରଶଂସା କରି ବେଳେବେଳେ ନିଜେ ମାନବ ଯୋନିରେ ଜନ୍ମଗ୍ରହଣ କରି ଏଇ ମାନବୀୟ ସ୍ୱଧର୍ମକୁ ପରିପୁଷ୍ଟ କଲେ । ଏହି ମାନବୀୟ ଧର୍ମ ଆତ୍ମରକ୍ଷା ସଙ୍ଗେ ପରୋପକାର, ନିର୍ବିରୋଧ ଶରୀର ଯାତ୍ରା ସାଙ୍ଗକୁ 'ଆତ୍ମୋନୋ ରକ୍ଷତେ ବିଶ୍ୱ ନୀତି' ବିରୋଧରେ ଅର୍ଜୁନ ର ମୋହ, ଯାହାକି ଶ୍ରୀକୃଷ୍ଣଙ୍କ ଭାଷାରେ । "କ୍ଷୁଦ୍ର ହୃଦୟ ଦୌର୍ବଲ୍ୟମ୍" କୁ ବିନାଶ କରି ତାକୁ ନିଜ ସ୍ଥିତି ରକ୍ଷା ସାଙ୍ଗକୁ ମାନବ ସମାଜକୁ, ମାନବ ସଭ୍ୟତାକୁ ସର୍ବୋପରି ମାନବୀୟ ଧର୍ମକୁ କଳୁଷିତ କରୁଥିବା କୁରୁକୁଳଙ୍କର ବିନାଶ ନିମିତ୍ତ ଯୁଦ୍ଧରେ ପ୍ରବୃତ୍ତ କରିବାକୁ ଜ୍ଞାନ ପ୍ରଦାନ କରିଥିଲେ । କାରଣ ଯେ ମାନବିକତାକୁ ଏଡି ଅନ୍ୟପ୍ରତି ହିଂସାଚରଣ କରେ ସେ ହେଉଛି ଆତତାୟୀ । ଆତତାୟୀଗଣଙ୍କୁ ବିନାଶ ନକଲେ ମାନବ ସଭ୍ୟତା ଧ୍ୱଂସ ପାଇବ ଏବଂ ଆତତାୟୀଙ୍କୁ ବିନାଶ କରିବାକୁ ଭଗବାନ ଯାହାକୁ ସାମର୍ଥ୍ୟ ଦେଇଅଛନ୍ତି ସେ ଯଦି ନିରବ ରହେ, ସେ ପଥଭ୍ରଷ୍ଟ, ଅନାର୍ଯ୍ୟ, ଅମଣିଷ । ସମାଜ ଓ ସଭ୍ୟତା ପାଇଁ ସିଏ ବି ଏକ ଦୁଷ୍ଟ ଶକ୍ତିରେ ପରିଣତ ହୋଇ ନର୍କଗାମୀ ହୁଏ । ଅହେତୁକ ହିଂସାଚରଣ ଓ ଅନ୍ୟର ନିପୀଡନକୁ ନିଜ ଆଖି ଆଗରେ ଦେଖି ଯେଉଁ ସମର୍ଥ ପୁରୁଷ ସଂଗ୍ରାମକୁ ଡରିପକାଏ ସେ କାପୁରୁଷ, ସ୍ୱଧର୍ମ ବିମୁଖୀ ପାପୀ ଅଟେ । ଈଶ୍ୱର ଦତ୍ତ ଶକ୍ତିକୁ ସମାଜ ହିତାର୍ଥେ ନ ଲଗାଇ ଯେ ପଳାୟନବାଦୀ ସାଜେ ତାର ଗତି ନର୍କପଥକୁ ହୋଇଥାଏ । ତେଣୁ ଭଗବାନ ଗୀତାରେ କହିଛନ୍ତି – "କୁତ । କୁଣ୍ଠଳ ମିଦଂ ବିଷମେ ସମୁପସ୍ଥିତମ୍ ।

ଅନାର୍ଯ୍ୟ କୁଷ୍ଟମସ୍ୱର୍ଗ୍ୟମ କୀର୍ତ୍ତିକରମର୍ଜୁନ ।
କୈବାମା ସ୍ୱଗମ ପାର୍ଥ ନୈତତ୍ୱସ୍ଥାପଦ୍ୟତେ
କ୍ଷୁଦ୍ର ହୃଦୟ ଦୌର୍ବଲ୍ୟ ତ୍ୟକ୍ତୋତିଷ୍ଠ ପରନ୍ତପ ।

ଅନ୍ୟ ଏକ ସ୍ଥାନରେ କହିଛନ୍ତି – କିଂ ହସ୍ତୁ ଆତତାୟିନଂ ? ଧର୍ଷଣ, ଲୁଣ୍ଠନ, ହତ୍ୟା, ଭ୍ରଷ୍ଟାଚାରରେ ଯେଉଁମାନେ ପରର ସତ୍ୱ ଅପହରଣ କରନ୍ତି ସେମାନେ ଆତତାୟୀ । ସେମାନଙ୍କର ମାନବିକ ସଂବେଦନା ନଥିବାରୁ ସେମାନେ ମାନବିକ ଅଧିକାର ପାଇବାକୁ ଯୋଗ୍ୟ ନୁହନ୍ତି । ଏଭଳି ଆତତାୟୀଙ୍କୁ ବିନାଶ କଲେ ଅଧର୍ମ ହୁଏନି, ବରଂ ସୃଷ୍ଟି ସୁରକ୍ଷା ଓ ମାନବ ସଭ୍ୟତାର ସୁରକ୍ଷା ହେତୁ ଧର୍ମ ମିଳେ । ମାତ୍ର, ସବୁକିଛି ଶାନ୍ତ ସମାହିତ ଚିତ୍ତରେ କରିବାକୁ ହେବ, ବିଦ୍ୱେଷ ସ୍ଖଳିତ ହୋଇ ବା କ୍ଷୁଦ୍ର ହୃଦୟ ଦୌର୍ବଲ୍ୟର ବଶବର୍ତ୍ତୀ ହୋଇ ନୁହେଁ । ଦେଖିବା, ଏ କ୍ଷୁଦ୍ର ହୃଦୟ ଦୌର୍ବଲ୍ୟ କଣ ? ଜଣେ ବିଘ୍ନରପତି ଖୁବ ନ୍ୟାୟୀ ଓ କଠୋର । ହତ୍ୟାକାରୀ, ଧର୍ଷଣକାରୀ ଓ ଲୁଣ୍ଠନକାରୀଙ୍କୁ ତୁରନ୍ତ ମୃତ୍ୟୁଦଣ୍ଡ ଦେଇ ଦିଅନ୍ତି, ଦୈବାତ ଦିନେ ତାଙ୍କ ନିଜ ପୁତ୍ର ହତ୍ୟା, ଧର୍ଷଣ ଓ ଲୁଣ୍ଠନ ଏଇ ତିନି ଅପରାଧରେ ଅପରାଧୀ ହୋଇ ତାଙ୍କ ସମକ୍ଷକୁ ଅଣାଗଲା । ସେ ବିଧି ବ୍ୟବସ୍ଥା ଭୁଲି ଯାଇ ଘୋଷଣା କଲେ । ଏଇ ମୃତ୍ୟୁଦଣ୍ଡ ଅମାନବୀୟ, ଯାକୁ ଉଠାଇ ଦିଆଯାଉ । ଅପରାଧୀଗଣଙ୍କୁ ସୁଧାରିବା ବ୍ୟବସ୍ଥା କରାଯାଉ । ନ୍ୟାୟ ତ ନ୍ୟାୟ । ଏଠି ପକ୍ଷପାତ କାହିଁକି ? ଏଇ ମମତ୍ୱ ହେଲା କ୍ଷୁଦ୍ର ହୃଦୟ ଦୌର୍ଘ୍ୟଲ୍ୟ । ଅନେକ ଯୁଦ୍ଧରେ ନିର୍ବିଘ୍ନରେ ଅସଂଖ୍ୟ ଶତ୍ରୁସେନାଙ୍କୁ ବିନାଶ କରିଥିବା ପରଂତପ ଅର୍ଜୁନ ଆଜି ଏଇ ମୋହ କବଳିତ ହୋଇ ବିଷାଦଯୋଗ କୁ ଭୁଲିଯାଉଥିବାରୁ ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୋହ ମୁକ୍ତି ପାଇଁ ଜ୍ଞାନ, କର୍ମ ଓ ଭକ୍ତି ଆଦି ନାନା 'ଯୋଗ' ବିବୃତ କରିଥିଲେ । ପ୍ରତ୍ୟକ ଜୀବ ମାତୃଗର୍ଭରୁ ହିଁ ନିଜ 'ସ୍ୱଧର୍ମ' ଧରି ଆସିଥାଏ । ତାକୁ ପାଳିବା ହିଁ ତାର ଧର୍ମ । ଏହି ସ୍ୱଧର୍ମ ପାଳନର ନାନାବିଧ ଯୋଗ ରହିଥିଲେ ହେଁ ତନ୍ମଧ୍ୟରୁ ଜ୍ଞାନ, କର୍ମ ଓ ଭକ୍ତି ଯୋଗ ସର୍ବଶ୍ରେଷ୍ଠ । ଜୀବର ପରିମଣ୍ଡଳ ହେବ ଭକ୍ତିଯୋଗର ଅନୁସାରୀ । କିନ୍ତୁ ଏହି ତିନିଯୋଗର ଲକ୍ଷ୍ୟ ଏକ ; ଈଶ୍ୱର ପ୍ରାପ୍ତି ଏବଂ ସବୁରି ଉପଜୀବ୍ୟ ହେଉଛି 'ଆତ୍ମସମର୍ପଣ' । ଲାଭ, ଲାଭୋ, ଜୟାଜୟ, ବୀତରାଗ ଭୟକ୍ରୋଧ ମାନସରେ ପ୍ରତ୍ୟେକ ସ୍ଥିତଧୀ ଅର୍ଥାତ୍ ମୋହମୁକ୍ତ ଓ ସ୍ୱୀୟଯୋଗ କର୍ମ କରିଗଲେ ଈଶ୍ୱରପ୍ରାପ୍ତି ଅବଶ୍ୟ ସମ୍ଭବ । ଏହା ହିଁ ଗୀତାରେ ଭଗବାନ ଶୁଣାଇଛନ୍ତି । କହିବା ବାହୁଲ୍ୟ ଯେ ଅର୍ଜୁନ ଗୃହସ୍ଥ ଜୀବନର ଅର୍ଦ୍ଧେକରୁ ଅଧିକ ଭାଗ କ୍ଷତ୍ରିୟ କର୍ମରେ ବିତାଇ ସାରିଛନ୍ତି । ସ୍ୱଜନଙ୍କୁ ଯୁଦ୍ଧ କ୍ଷେତ୍ରରେ ଦେଖି ସାମୟିକ ଭାବେ ମୋହଗ୍ରସ୍ତ ମାତ୍ର ତାଙ୍କ ଜନ୍ମଜାତ 'ସ୍ୱଧର୍ମ' ର କିଛି ପରିବର୍ତ୍ତନ ଘଟିନାହିଁ । ଏ ପ୍ରକାରର ଶ୍ମଶାନ ବୈରାଗ୍ୟ ଏକମୋହ ମାତ୍ର ଯାହାକି ସୃଷ୍ଟି ଓ ସମାଜର ଅନିଷ୍ଟକାରକ ହୋଇଥାନ୍ତା । ପରବର୍ତ୍ତୀ ସମୟରେ ସୃଷ୍ଟି ଓ ମାନବ ସମାଜର ଅନିଷ୍ଟକାରୀ ହେବେ ବୋଲି ଯେଉଁ ଶ୍ରୀକୃଷ୍ଣ ଆପଣାର ! ଯଦୁବଂଶର ଧ୍ୱଂସ ସାଧନ କରି ଯାଇଥିଲେ ସେଇ ପରମନ୍ୟାୟୀ, ପରମ ଈଶ୍ୱର ! ଅର୍ଜୁନର ସ୍ୱଧର୍ମଚ୍ୟୁତି ଦେଖୀ ଆଉ କଣ ବା କହିଥାନ୍ତି ? ମାନବର ବାହ୍ୟ ଅଭ୍ୟନ୍ତରରେ ସଦାସର୍ବଦା ପରମ୍ ସଦ୍ ଅସଦ୍, ନ୍ୟାୟାଧାୟ, ପ୍ରବୃତି ନିବୃତି ଧର୍ମ ଅଧର୍ମର ସଂଗ୍ରାମ ଜାରି ରହିଛି । ତଦ୍‌ଜନିତ ବୈକଲ୍ୟରୁ ନିସ୍ତାର ନିର୍ମିତ ଗୀତା ଏକ ସର୍ବଶ୍ରେଷ୍ଠ ଶାସ୍ତ୍ର । ଗୀତା ଏକାଧାରରେ ଧର୍ମଶାସ୍ତ୍ର, କର୍ମଶାସ୍ତ୍ର, ଜ୍ଞାନଶାସ୍ତ୍ର, ଭକ୍ତିଶାସ୍ତ୍ର, ଯୁଦ୍ଧଶାସ୍ତ୍ର, ପୁଣି ବୈରାଗ୍ୟ ଶାସ୍ତ୍ର, ଅର୍ଥାତ ମାନବ ଜୀବନ ଯେଉଁ ଯେଉଁ ଚିନ୍ତନ ମାର୍ଗ ରହିଛି ସବୁରି ସମାହାର, ଶ୍ରେଷ୍ଠ ମାନବ ଶାସ୍ତ୍ର ଅଟେ ଯାହାର ଅନ୍ୟ ପଟାନ୍ତର ନାହିଁ । ଗୀତା କୌଣସି ସଂକୀର୍ଣ୍ଣ ମାର୍ଗ ବା ସଂପ୍ରଦାୟର ଧର୍ମଶାସ୍ତ୍ର ନୁହେଁ ମାନବୀୟ ଧର୍ମଶାସ୍ତ୍ର ଅଟେ ଏବଂ ଏହା ଈଶ୍ୱରପ୍ରାପ୍ତିର ଆଚରଣ ଶିକ୍ଷା ଦେଇଆସୁଛି । 'ଯତଃପ୍ରବୃତି ଭୁତାନାଂ ଯତଃ ସର୍ବମିଦଂ ତତଂ, ସକର୍ମଣ୍ୟତମେତଭ୍ୟେର୍ଚ୍ଛ ସିଦ୍ଧି ବିନ୍ଦନନ୍ତି ମାନବ । ଏଇ ମର୍ମଗୀତାର ଆହ୍ୱାନ । ନିଜ କର୍ମ ନିଷ୍ଠାର ସହ କଲେ ଈଶ୍ୱର ପ୍ରାପ୍ତି ହୁଏ, ପୂଜା ଉପାସନା ଉପଲକ୍ଷ୍ୟ ମାତ୍ର ଓ ତତ୍‌ସତ୍ ।

**ବରପାଲିପଡ଼ା, ବଲାଙ୍ଗୀର**

# ସ୍ୱାସ୍ଥ୍ୟ ଲାଗି ଲାଭପ୍ରଦ କଲରା

**ଦୈ**ନନ୍ଦିନ ଖାଉଥିବା ପରିବା ମଧ୍ୟରୁ କଲରା ଖାଇବାକୁ ଅନେକ ପସନ୍ଦ କରନ୍ତିନି । କାରଣ ଏହା ପାଟିକୁ ପିତା ଲାଗିଥାଏ । ପିତା ଲାଗିଲେ ବି କଲରା ସ୍ୱାସ୍ଥ୍ୟପକ୍ଷେ ହିତକର ଓ ଏହାକୁ ଔଷଧୀୟ ଗୁଣର ଭଣ୍ଡାର ବୋଲି କୁହାଯାଇଥାଏ । ଏଥିରେ ଅକ୍ସିଡାଣ୍ଟ, ଭିଟାମିନ୍, ଏ, ବି, ସି, କ୍ୟାରୋଟିନ୍, ଲୁଟିନ୍, ଆୟରନ୍, ପଟାସିୟମ, ମ୍ୟାଗ୍ନେସିୟମ ଏବଂ ମାଙ୍ଗାନିଜ ପରି ପୋଷକତତ୍ତ୍ୱ ରହିଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । କଲରା ଖାଇବା ଦ୍ୱାରା ଶରୀରରୁ ଅନେକ ରୋଗ ଦୂର ହୋଇଥାଏ ।



କଲରାରେ ପ୍ରଚୁର ମାତ୍ରାରେ ଭିଟାମିନ୍ ରହିଥାଏ, ଯାହାକି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହିତ କର୍କଟ ପରି ରୋଗର ମୁକାବିଲା ମଧ୍ୟ କରିଥାଏ ।

ମୁଣ୍ଡବ୍ୟଥାରୁ ରକ୍ଷା ପାଇବା ପାଇଁ କଲରା ରସକୁ ଲେପ ଦେବା ଦ୍ୱାରା ଆରାମ ମିଳିଥାଏ । ଯେଉଁମାନଙ୍କର ପାଟି ଘା' ସମସ୍ୟା ରହିଛି, ସେମାନେ କଲରା ରସକୁ କୁଳି କରିବା ଦ୍ୱାରା ଏହା ଭଲ ହୋଇ ଯାଇଥାଏ ।

କଲରାରେ ପ୍ରଚୁର ମାତ୍ରାର ଫସ୍‌ଫରସ୍ ଥାଏ । ଯାହାକି କଫ, ଆର୍ଶ, ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରିଥାଏ । କଲରା ଖାଇବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ପାଇଥାଏ । ଯାହା ଫଳରେ ଜଣେ ବ୍ୟକ୍ତିଙ୍କୁ ଅଧିକ ଭୋକ ଲାଗିଥାଏ ।

## ଟିକିଏ ହସନ୍ତୁ

ପପୁପୁ ବାପା: ଆଜି ତୋ ମା' କ'ଣ ଚୁପ୍‌ଚାପ୍ ବସିଛି ।
ପପୁ କାନ୍ଦି କାନ୍ଦି: ମାମା ମତେ ଲିପଷ୍ଟିକ୍ ମାଗିଥିଲା, ହେଲେ ମୁଁ ଭୁଲରେ ଫେଭିଷ୍ଟିକ୍ ଦେଇଦେଲି ।
ବାପା: କାନ୍ଦୁଛୁ କାହିଁକି ? ଏତେ ଦିନ ପରେ ଗୋଟେ ଭଲ କାମ କରିଛୁ । ମୋ ସୁନା ପୁଅ ।

× × × ×

ମଣ୍ଟୁ ରାଜୁକୁ: କ'ଣ କରୁଛୁ ?
ରାଜୁ: ବାଦାମ ଖାଉଛି ।
ମଣ୍ଟୁ: ଏକୁଟିଆ ଏକୁଟିଆ ?
ରାଜୁ: ପାଞ୍ଚ ଟଙ୍କାର ବାଦାମ ଏକୁଟିଆ ଖାଇବିନି ତ କ'ଣ ସାଇ ପଡ଼ିଶାରେ ବାଣ୍ଟିବି ।



× × × ×

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ: ତୁମ ବାପା ଫିଲ୍ମି ହେଇଥାନ୍ତେ କି କେତେ ଭଲ ହେଇଥାଆନ୍ତା ।
ଗର୍ଲଫ୍ରେଣ୍ଡ: ମାନେ ?
ବୟଫ୍ରେଣ୍ଡ: ମୋ କହିବା କଥା କି ତୁମ ବାପା ଫିଲ୍ମର ବାପାଙ୍କ ପରି ମତେ ବ୍ଲାଙ୍କ ଚେକ୍ ଦେଇ କୁହନ୍ତେ କି- ଏ ନିଅ ବ୍ଲାଙ୍କ ଚେକ୍ । ଆଉ ଚାଲିଯାଅ ମୋ ଝିଅ ଜୀବନରୁ ।

× × × ×

ମୋହନ ଡାକ୍ତରଙ୍କୁ: ଆଜ୍ଞା ମୋର ଗୋଟେ ଅଜବ ରୋଗ ହେଇଛି ।
ଡାକ୍ତର: କି ରୋଗ ?
ମୋହନ: ମତେ ସମସ୍ତଙ୍କ କଥା ଶୁଭୁଛି । ହେଲେ ସ୍ତ୍ରୀ କ'ଣ କହିଲା ବେଳକୁ ଶୁଭୁନି ।
ଡାକ୍ତର: ଇଏ ରୋଗ ନୁହଁ । ଭଗବାନଙ୍କର ତୁମ ଉପରେ ଆଶୀର୍ବାଦ ।

× × × ×

ପବ୍ଲିକ୍ ଟୟଲେଟରେ ଲେଖା ଥିଲା ଦୁନିଆ ଚନ୍ଦ୍ରରେ ପହଞ୍ଚିଲାଣି ହେଲେ ତୁମେ ଏଇଠି ବସିଛ ?
ପପୁ ତା' ମୁଣ୍ଡ ଖର୍ଚ୍ଚ କରି ତଳେ ଲେଖିଦେଲା -ଚନ୍ଦ୍ରରେ ପାଣି ନ ଥିବାରୁ ମୁଁ ତଳକୁ ଫେରି ଆସିଲି ।

× × × ×

ବାପା: ଦୀପୁ, ନେ ଦୁଇ ହଜାର ଟଙ୍କା ।
ରାଜୁ: ବାପା, କ'ଣ ପାଇଁ ଆପଣ ମୋତେ ଦୁଇ ହଜାର ଟଙ୍କା ଦେଲେ ?
ବାପା: ପୁଅ, ଏଇଟା ତୋ ପରିଶ୍ରମର ଫଳ, କାରଣ ଯେବେଠୁ ତୁ ହ୍ୱାଟଆପ୍ ବ୍ୟବହାର କଲୁଣି ସେବେଠୁ ମୁଁ ସିକ୍ୟୁରିଟି ରଖୁନି ।

× × × ×

ପପୁ ରୁଟି ଛିଣ୍ଡାଇ ଖଣ୍ଡେ ଖଣ୍ଡେ ଖାଉଥିଲା ଓ ପାଖରେ ବସି ଗୋଟିଏ କୁକୁଡାକୁ ଖୁଆଉଥିଲା । ଏହା ଦେଖି ବାପା ପଚାରିଲେ, କ'ଣ କରୁଛୁ ?
ପପୁ: ବାପା, ମୁଁ ଚିକେନ୍ ସହ ରୁଟି ଖାଉଛି ।

# ମେଥି ଶାଗର ଉପକାରିତା

**ମେ**ଥି ହେଉଛି ଡାଲି, ମଟର ଓ ବିନସ ପରି ଏକ ଛୁଇଁ ଜାତୀୟ ଫସଲ, ଇଂରାଜୀରେ ମେଥିକୁ ଫେନୁଗ୍ରିକ୍ ବୋଲି କୁହାଯାଏ । ମେଥିର ଉତ୍ପତ୍ତିସ୍ଥଳ ଭାରତ ବର୍ଷ ନୁହେଁ ଏହା ମଧ ପ୍ରାଚ୍ୟ ଏବଂ ଆଫ୍ରିକା ମହାଦେଶରେ ଉତ୍ପନ୍ ହୋଇଥିଲା ଏବଂ ପର୍ଯ୍ୟାୟକ୍ରମେ ମୁନିଋଷିମାନଙ୍କ ଦ୍ୱାରା ୟୁରୋପ ମହାଦେଶକୁ ଅଣାଯାଇଥିଲା । ଗ୍ରୀକ୍ ଓ ରୋମାନମାନେ ଏହାକୁ ଔଷଧ ଓ ମସଲା ବ୍ୟତୀତ ଗୋଖାଦ୍ୟ ରୂପେ ମଧ ବ୍ୟବହାର କରୁଥିଲେ । ମେଥି ଗଛର ଡେଙ୍ଗ ଉପରେ ତ୍ରିଭୂଜ ଆକାରରେ ତିନୋଟି ପତ୍ର ରହିଥିବା ଲାଟିନ୍ ଶବ୍ଦ କୋଷରେ ମେଥିକୁ ଗ୍ରାଇଗୋନାଲ କୁହାଯାଏ । ମେଥି ଶାଗରେ ସାଧାରଣତଃ ପୁଷ୍ଟିସାର ୪.୪ ପ୍ରତିଶତ, ସ୍ନେହସାର ୦.୯ ପ୍ରତିଶତ ଓ ଜଳୀୟ ଅଂଶ ୮୬.୧ ପ୍ରତିଶତ ରହିଥାଏ । ମେଥିଶାଗ ଏବଂ ମେଥିରେ ଖାଦ୍ୟସାର 'ଏ' ଭିଟାମିନ୍ 'ସି' ଓ ଭିଟାମିନ୍ 'କେ' ମଧ ଯଥେଷ୍ଟ ପରିମାଣରେ ରହିଥାଏ । ଖଣିଜ ଲବଣ ଆକାରରେ ମେଥିରେ ମ୍ୟାଗ୍ନେସିୟମ, ପୋଟାସିୟମ, ଆଇରନପରି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଉପଲବ୍ଧ ହୁଏ । ସ୍ତନ୍ୟପାନ



କରାଉଥିବା ମହିଳା ମାନେ ଦୈନିକ ଅତି କମରେ ୧୫୦ ଗ୍ରାମ ମେଥିଶାଗ ଖାଇବା ଆବଶ୍ୟକ । ଏହା ଦ୍ୱାରା ମା' ମାନଙ୍କ ଠାରେ ଦେଖା ଦେଉଥିବା ରକ୍ତହୀନତା ରୋଗଦୂର ହୁଏ ଏବଂ ମେଥି ଶାଗରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍ ଶିଶୁମାନଙ୍କ ମସ୍ତିଷ୍କର ବିକାଶରେ ଚମତ୍କାର ପ୍ରଭାବ ପକାଇଥାଏ, ତେଣୁ କରି ଗର୍ଭବତୀ ମହିଳା ମଧ ମେଥି ଶାଗ ବା ମେଥିଗୁଣ୍ଡ ଖାଇ ନିଜ ଗର୍ଭସ୍ଥ ଶିଶୁ ବା ସନ୍ତାନର ମସ୍ତିଷ୍କ ବିକାଶରେ ସାହାଯ୍ୟ କରିପାରିବେ । ମେଥିଶାଗ ଅନେକ ଗୁଡିଏ ଔଷଧୀୟ ଗୁଣରେ ଭରପୁର । ଏହା ଲୌହର ଏକ ଉତ୍ତମ ମାଧ୍ୟମ ହୋଇଥିବାରୁ ୬୦ ରୁ ୭୦ ଭାଗ ପର୍ଯ୍ୟନ୍ତ ପ୍ରାପ୍ତ ବୟସ୍କା ବାଳିକାମାନଙ୍କର ରକ୍ତହୀନତା ଓ ମାସିକ ଋତୁସ୍ରାବ ସମୟରେ ଶାରୀରିକ ଓ ମାନସିକ ଯନ୍ତ୍ରଣାଦୂର କରେ । ମେଥିରେ କ୍ୟାଲସିୟମ୍ ଭରପୁର ହୋଇଥିବାରୁ ସ୍ତ୍ରୀମାନଙ୍କୁ ହେଉଥିବା ଓଷ୍ଟିଓପରୋସିସ୍ ରୋଗକୁ ମଧ ପ୍ରତିରୋଧ କରେ । ମେଥି ଶାଗକୁ ଶୁଖାଇ ଗୁଣ୍ଡ କରି ଖାଇଲେ ଡାଲି ଜାତୀୟ ଖାଦ୍ୟର ଅଭାବ ପୂରଣ କରିବା ସହ ଆମିନୋଲସିଡ ଲାଇସିନର ଅଭାବ ପୂରଣ କରେ । ମେଥିଶାଗ ଛୋଟ ଛୋଟ ମାଟିଆ ରଙ୍ଗର ମଞ୍ଜି ମଧୁମେହ ରୋଗୀମାନଙ୍କର ଏକ ଅବ୍ୟର୍ଥ ଔଷଧ ରୂପେ ଗଣାଯାଏ । ମେଥି ମଞ୍ଜିର ଗୁଣ୍ଡ ୨ ଚାମଚ ଏକ ଗ୍ଲାସ ପାଣି ସହ ପ୍ରତିଦିନ ସକାଳେ ଖାଲି ପେଟରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ଭାଗ କମିଯାଏ, ପରୀକ୍ଷାରୁ ଜଣାଯାଇଛି ମେଥି ମଞ୍ଜିରେ ଶତକଡ଼ା ୩୦ ଭାଗ ନ୍ୟୁସିଲେଜ୍ ଥାଏ, ଯାହାକି ସ୍ପଞ୍ଜ ରୂପେ କାର୍ଯ୍ୟ କରି ରକ୍ତରେ ଥିବା ଶର୍କରାକୁ ଶୋଷିନିଏ ଫଳରେ ରକ୍ତରେ ଶର୍କରା ପରିମାଣ କମିଯାଇଥାଏ, ମେଥି ଗୁଣ୍ଡ ରକ୍ତର କୋଲେଷ୍ଟୋରଲ ପରିମାଣକୁ କମାଇବାରେ ସକ୍ଷମ ହୋଇଥାଏ । ମେଥିକୁ ଡାଇରିଆ, ଡିସେଣ୍ଟି ଏବଂ ପେପଟିକ୍ ଅଲସରର ପ୍ରତିଷେଧକ ଭାବରେ ବ୍ୟବହାର କରାଯାଏ । ଇନଫ୍ଲୁଏଞ୍ଜା ଓ ବ୍ରୋନକାଇଟିସ୍ କଷ୍ଟରୁ ମଧ ମୁକ୍ତି ମିଳିଥାଏ । ବସନ୍ତ, ହାଡଫୁଟି ଓ ସାଧାରଣ ଅସୁସ୍ଥତା ପରେ ଶକ୍ତି ଫେରି ଆସିବା ପାଇଁ ସର୍ବତ କରି ରୋଗୀକୁ ଦିଆଯାଏ । ମେଥିକୁ ଭାଜି ଗୁଣ୍ଡ କରି ଗୁଡ ସହିତ ମିଶାଇ ଲଡୁ କରି ମଧ ଖାଇବାକୁ ଦିଆଯାଏ । ଅକାଳରେ ବାଳ ପାଚିଗଲେ ମେଥିବଟା ସହିତ କ୍ଷୀର ମିଶାଇ ଘଣ୍ଟାଏ ପରେ ମୁଣ୍ଡଧୋଇ ଦେଲେ ମୂଳ ଟାଣ ରହେ ପୁଣି କେଶ ଉପୁଡିବା କମିଯାଏ । ଖାଦ୍ୟ ସଂରକ୍ଷଣରେ ମଧ ମେଥିକୁ ବ୍ୟବହାର କରାଯାଇଥାଏ । ମେଥି ପତ୍ରକୁ ଶୁଖାଇ ଗୁଣ୍ଡକରି ମୁଗ, ବିରି, ଗହମ ଓ ଚାଉଳ ଇତ୍ୟାଦିରେ ରଖିଲେ ଲକୁଣିଆ ପୋକ ଚାଉଳ ପୋକ ହୋଇ ନ ଥାନ୍ତି । ଜିୟୁମାନେ ମେଥିରୁ ଏକ ପାରମ୍ପରିକ ସସ୍ ତିଆରି କରିଥାନ୍ତି ଯାହା 'ହେଲବେ' ନାମରେ ପରିଚିତ, ଏହାକୁ ପ୍ରତିଦିନ ବ୍ୟବହାର କରିଥାନ୍ତି । ହେଲବେ ଏକ ଆରବ ଶବ୍ଦ ଓ ଏହାର ଅର୍ଥ ହେଲା ଫଳପ୍ରଦ ହୁଅ ଓ ବଂଶବୃଦ୍ଧି କରାଅ । ମେଥିକୁ ଶାଗ ହିସାବରେ ପୁଣି ମେଥିକୁ ଭାଜି ଗୁଣ୍ଡ କରି ପ୍ରତିଦିନ ଆହାରରେ ବ୍ୟବହାର କରିବା ଉଚିତ୍ ।

## ସ୍ୱାସ୍ଥ୍ୟ ପାଇଁ ଭଲ ବୁଟ



**ବୁ**ଟ ଏକ ସାଧାରଣ ଶସ୍ୟ ହୋଇଥିଲେ ବି ସ୍ୱାସ୍ଥ୍ୟକ୍ଷେତ୍ରରେ ଖୁବ୍ ଲାଭଦାୟକ । ଏହାର ପୁଷ୍ଟିକର ତତ୍ତ୍ୱ ଲାଗି ଏହାକୁ ଅଭାବୀ ମଣିଷଙ୍କ ବାଦାମ ବୋଲି କୁହାଯାଏ ।

ବୁଟକୁ ରାତିରେ ଭିଜାଇ ସକାଳୁ ଖାଲିପେଟରେ ସେବନ କରିବା ଦ୍ୱାରା ଡାଇବେଟିସ୍ ଦୂର ହୋଇଥାଏ ।

ବ୍ୟାୟାମ ପରେ ରାତିରୁ ଭିଜା ହୋଇଥିବା ବୁଟକୁ ଭିଜା ପାଣି ସହିତ ନିୟମିତ ଭାବେ ସେବନ କରିବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ଠିକ୍ ରହିବ ।

## ଆପଣ ଜାଣନ୍ତି କି ?

- ବିଶ୍ୱରେ ପେଟ୍ରୋଲ ପରେ କଫି ହିଁ ସର୍ବାଧିକ କ୍ରୟ ବିକ୍ରୟ ହେଉଥିବା ସାମଗ୍ରୀ ।
- ଆମେ ପାନୀୟକୁ ଶୋଷି ଶୋଷି ପିଇବା ପାଇଁ ବ୍ୟବହୃତ ହେଉଥିବା 'ଷ୍ଟ୍ର'ର ଜନ୍ମ ୧୮୮୬ ରେ ହୋଇଥିଲା ।
- ଆୟାର୍ଲାଣ୍ଡରେ ଉତ୍ପାଦିତ ହେଉଥିବା ମୋଟ ବାର୍ଲି ମଧ୍ୟରୁ ଶତକଡ଼ା ୭୦ ପ୍ରତିଶତ ବାର୍ଲି ଗିନିସ୍ ବିଅର୍ ଉତ୍ପାଦନ ପାଇଁ ବ୍ୟବହାର କରାଯାଇଥାଏ ।
- ଜଣେ ସାଧାରଣ ଲୋକ ତା'ର ଜୀବନକାଳ ମଧ୍ୟରେ ପ୍ରାୟ ୧୦୦ ଟନ୍ ଖାଦ୍ୟ ଓ ୪୫, ୪୨୪ ଲିଟର ପାଣି ବ୍ୟବହାର କରିଥାଏ ।
- ଆଇସ୍‌ଲ୍ୟାଣ୍ଡରେ ଅନ୍ୟ ଦେଶ ଅପେକ୍ଷା ମୁଣ୍ଡପିଛା ଅଧିକ କୋକାକୋଲା ପାନ କରାଯାଇଥାଏ ।
- ମଣିଷ ଗୋଟିଏ ପାଦ ଉପରକୁ ଉଠାଇବା ସମୟରେ ତା' ଶରୀରର ୨୦୦ ମାଂସପେଶୀ ଗତିଶୀଳ ହୋଇଥାଏ ।
- ଆମ ଆଖିଖୋଳାର ଓଜନ ୨୮ ଗ୍ରାମ୍ ।
- ସାଧାରଣ ଲୋକଟିଏ କାଗଜ ଅପେକ୍ଷା କମ୍ପ୍ୟୁଟରରେ ପଢ଼ିବା ସମୟରେ ବେଗ ୨୫ ପ୍ରତିଶତ ମନ୍ଥର ହୋଇଥାଏ ।
- ମଣିଷ ଶରୀରର ଏବଂ କଦଳୀ ଭିତରେ ଥିବା ଡିଏନ୍‌ଏରେ ୫୦ ପ୍ରତିଶତ ସାମଞ୍ଜସ୍ୟ ରହିଥାଏ ।
- ନାକରେ ଆଘ୍ରାଣ ବାରିବାକୁ ଅଲ୍‌ଫାକ୍ସନ କୁହାଯାଏ ।
- ଜଣେ ମଣିଷ ତା' ଆଖିରେ ପାଖାପାଖି ୯୦ ପ୍ରତିଶତ ଘଟଣାକୁ ସଂରକ୍ଷିତ କରି ରଖିପାରେ ।
- ମଣିଷ ଶରୀରର ଡାହାଣପଟ ଫୁସ୍‌ଫୁସ୍ ବାମପଟଠାରୁ ବଡ଼ ।

## ଚିନ୍ତା ଦୂର କରେ ମାଣ୍ଡିଆ

**ଦି**ନଥିଲା ମାଣ୍ଡିଆ ଗରିବଙ୍କ ଖାଦ୍ୟ ଭାବେ ଜଣାଶୁଣା ଥିଲା । ମାତ୍ର ଆଜି ଏହା ପ୍ରାୟ ସମ୍ଭ୍ରାନ୍ତ ପରିବାରରେ ସ୍ଥାନ ଅକ୍ତିଆର କରିଛି । ମାଣ୍ଡିଆ ପୋଷକ ତତ୍ତ୍ୱରେ ଭରପୂର । ଯେଉଁଥିରେ କ୍ୟାଲସିୟମ, ଭିଟାମିନ୍ସ ଓ କାର୍ବୋହାଇଡ୍ରେଟ୍ ଆଦି ରହିଛି । ଫାଇବରରେ ଭରା ମାଣ୍ଡିଆ କେବଳ ଓଜନକୁ ନିୟନ୍ତ୍ରଣ କରି ନ ଥାଏ, ବରଂ



ପାଚନ ଶକ୍ତିକୁ ମଧ ତୀବ୍ର କରିଥାଏ । ମାଣ୍ଡିଆକୁ ଇଡଲୀ କିମ୍ବା ଅଟା ସହିତ ମିଶାଇ ରୁଟି ପ୍ରସ୍ତୁତ କରି ପାରିବେ । ସକାଳ ସମୟରେ ମାଣ୍ଡିଆ ଖାଇବା ଦ୍ୱାରା ସାରା ଦିନ ସତେଜ ଅନୁଭବ କରିବେ ।

ବିଭିନ୍ନ ଖାଦ୍ୟଶସ୍ୟ ତୁଳନାରେ ସର୍ବାଧିକ କ୍ୟାଲସିୟମ୍ ମାଣ୍ଡିଆରେ ହିଁ ରହିଛି, ଯାହା ହାଡ଼ ଓ ଦାନ୍ତକୁ ମଜଭୁତ କରିଥାଏ । ଏହା ବ୍ୟତୀତ ଅଷ୍ଟିଓଫୋରୋସିସ୍ ପରି ସମସ୍ୟାକୁ ଦୂର କରିବାରେ ବେଶ୍ ସହାୟକ ହୋଇଥାଏ ମାଣ୍ଡିଆ ।

ଯଦି ମଧୁମେହ ସବୁବେଳେ ବଢ଼ି ରହୁଥାଏ । ତେବେ ମାଣ୍ଡିଆକୁ ଅଟା ସହ ମିଶାଇ ରୁଟି କରନ୍ତୁ । କିଛି ଦିନ ପରେ ମଧୁମେହ ନିୟନ୍ତ୍ରଣରେ ଆସିଯିବ ।

ଏଥିରେ ବହୁ ମାତ୍ରାରେ ପଲିଫେନୋଲ୍ ଓ ଡାଏଟରୀ ଫାଇବର ରହିଛି ଯାହା ଶରୀରରେ ବଢୁଥିବା ଶର୍କରାସ୍ତରକୁ ନିୟନ୍ତ୍ରିତ କରିଥାଏ ।

ମାଣ୍ଡିଆରେ ଭରପୂର ମାତ୍ରାରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି, ଯାହା ଚିନ୍ତାକୁ କମ୍ କରିଥାଏ । ସେହିପରି ଆଙ୍ଗଜାଇଟି, ଡିପ୍ରେସନ୍ ଓ ଚିନ୍ତାର ମଧ ଉପଚାର କରିଥାଏ । ଏଥିରେ ଥିବା ଫାଇବର ଶୀଘ୍ର ହଜମ ହୋଇ ନ ଥାଏ, ଫଳରେ ଅଧିକ ସମୟ ଯାଏ ପେଟ ପୁରା ରହିଥାଏ । ଏହାଦ୍ୱାରା ଓଭର୍ ଡାଏଟିଂରୁ ରକ୍ଷା ମିଳିଥାଏ । ମାଣ୍ଡିଆ ଖାଇବା ଦ୍ୱାରା ଅଧିକ ସମୟ ଯାଏ ଭୋକ ଲାଗି ନ ଥାଏ । ତେଣୁ ଓଜନ ଆପେ ଆପେ ନିୟନ୍ତ୍ରିତ ହୋଇଥାଏ ।

## ଶରୀର ପାଇଁ ଭଲ ସବୁଜ ପନିପରିବା

**ସ**ବୁଜ ପନିପରିବା ଆମ ଶରୀର ପାଇଁ ଉପକାରୀ । ଏଥିରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ଆମେ ନିଜକୁ କେତେକ ରୋଗଠାରୁ ଦୁରେଇ ରଖି ପାରିବା । କାରଣ ଏଗୁଡିକରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ତନ୍ମଧ୍ୟରୁ ଗାଜର ଅନ୍ୟତମ । ଏହା ହେଉଛି ଭିଟାମିନ୍, ଫାଇବର ଓ ଆଣ୍ଟି ଅକ୍ସିଡାଣ୍ଟ ଗନ୍ତାଘର । ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ଥିବାରୁ ଏହା ଆମ ଆଖି ପାଇଁ ବେଶ୍ ଉପଯୋଗୀ । ଏହା ସୂର୍ଯ୍ୟକିରଣ ଠାରୁ ଆଖିକୁ ରକ୍ଷା କରିବା ସହ ଆଖିରେ କାଟାରାକ୍ଟ ହେବାର ଆଶଙ୍କା ଅନେକାଂଶରେ ଦୂର କରିଥାଏ ।

ଏଥିରେ ଭିଟାମିନ୍ 'ସି' ଭରି ରହିଛି । ଏହା ଶରୀରରେ ଆଣ୍ଟିବଡ଼ି ଗଠନ କରି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ନିୟମିତ ଗାଜର ଖାଇଲେ ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଏଥିପାଇଁ ଡାଇବେଟିସ୍, କ୍ୟାନସର ଆଦି ଆଶଙ୍କାରୁ କେତେକାଂଶରେ ରକ୍ଷା କରିଥାଏ ।

ଦୈନନ୍ଦିନ ଖାଦ୍ୟ ତାଲିକାରେ ଗାଜରକୁ ସାମିଲ କରନ୍ତୁ । ଏହାଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ ।

## କହିପାରିବେ କି ?

୧) ରୋଷେଇ ହିଟରରେ କେଉଁ ତାରର ପ୍ରୟୋଗ ହୋଇଥାଏ ?
(୨) ଇସ୍ରୋର ମୁଖ୍ୟାଳୟ କେଉଁଠାରେ ରହିଛି ?
(୩) ନନ୍ଦବଂଶର ଅନ୍ତିମ ଶାସକ କିଏ ଥିଲେ ?
(୪) ଭାରତର ପ୍ରଥମ ମହିଳା କ୍ରିକେଟ୍ କୋଚ୍‌ଙ୍କ ନାମ କ'ଣ ?
(୫) ପଞ୍ଚରଥ ମନ୍ଦିର ଓଡ଼ିଶାର କେଉଁ ସ୍ଥାନରେ ଅଛି ?
(୬) କେଉଁ ଦେଶ ନିକଟରେ ସାଂଘାଇ ସହଯୋଗ ସଂଗଠନର ନବମ ସଦସ୍ୟ ହେଲା ?
(୭) ରାଷ୍ଟ୍ରୀୟ ହିନ୍ଦୀ ସଂଗ୍ରହାଳୟ କେଉଁଠାରେ ଅଛି ?
(୮) ହୁମାୟୁନ୍‌ନାମାର ଲେଖକ କିଏ ?
(୯) ରାବଣ ମାତା ସୀତାଙ୍କୁ କେଉଁଠାରେ ରଖିଥିଲା ?
(୧୦) ଦୂରଦର୍ଶନରେ ପ୍ରସାରିତ ପ୍ରଥମ କାର୍ଯ୍ୟକ୍ରମ କ'ଣ ଥିଲା ?

### JUMBLE WORDS

| | | | |
|---|---|---|---|
| 1) COIYID | = | 6) THYLO | = |
| 2) NGLUC | = | 7) ATNKE | = |
| 3) RAHDO | = | 8) TREATO | = |
| 4) CLIPES | = | 9) RWANDI | = |
| 5) GIKSIN | = | 10) FSULH | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ସ୍ୱର୍ଣ୍ଣ, ୨. ସ୍ୱେଶ୍‌ବାର, ୩. ଡିସେମ୍ବର ୨୩, ୪. ନାଇଟ୍ରେଟ୍ , ୫.ସୁବ୍ରମଣ୍ୟମ୍ ଭାରତୀ, ୬.ହାଇଡ୍ରୋଜେନ୍, ୭.ସ୍ୱିଜରଲ୍ୟାଣ୍ଡ, ୮.ପାଞ୍ଚଜନ୍ୟ, ୯.ଯଶୱନ୍ତ ସିଂହ, ୧୦.ଆନ୍ଧ୍ର ପ୍ରଦେଶ ।

***Jumble Words*** ର ଉତ୍ତର :-

(1) ACTUAL (2) SPORTY (3) AWARD (4) STRUM(5) CANOPY
(6) WRITER (7) HELLO (8) DRAWN (9) TONGUE (10) BECOME

# ପରିଚୟ ପାଇଁ ସଂଘର୍ଷ କରୁଛି ଡୁଙ୍ଗୁରୀ

ବରଗଡ଼ : କୃଷି ଭିତ୍ତିକ ଜିଲା ଭାବେ ପରିଚିତ ବରଗଡ଼ ବିଗତ ଦିନରେ ଶିଳ୍ପ ପ୍ରଧାନ ଥିଲା । ପ୍ରାକୃତିକ ସମ୍ପଦରେ ଭରପୁର ଏହି ଜିଲ୍ଲାରେ ସୂତା କଳ, ଚିନିକଳ, ପାୱାରଲୁମ୍ ସହିତ ଚୂନ ପଥର ଯୋଗୁଁ ସିମେଣ୍ଟ କାରଖାନା ମଧ ରହିଥିଲା । ସମୟକ୍ରମେ ଗୋଟିଏ ପରେ ଗୋଟିଏ ଶିଳ୍ପ ବନ୍ଦହୋଇ ସାରିଥିବାବେଳେ ସିମେଣ୍ଟ କାରଖାନା ମଧ ବନ୍ଦ ହୋଇଗଲାଣି । ଚୂନପଥରକୁ ଆଧାର କରି ପ୍ରତିଷ୍ଠିତ ଏହି କାରଖାନା ବନ୍ଦ ହେବା ପରେ ଡୁଙ୍ଗୁରୀ ଚୂନଖଣି ଶ୍ରୀହୀନ ହୋଇଗଲାଣି । ହୀରାକୁଦ ବନ୍ଧ ଯୋଗୁଁ ଅମ୍ବାଭୋନା ବ୍ଲକ ଡୁଙ୍ଗୁରୀର ଚୂନ ପଥର ଖଣିକୁ ଆଶ୍ରା କରି ବରଗଡ଼ରେ ସିମେଣ୍ଟ କାରଖାନା ଆରମ୍ଭ ହୋଇଥିଲା । ସେତେବେଳେ ଡୁଙ୍ଗୁରୀ ଅଞ୍ଚଳର ୭୮୨ ଏକର ଜମି ଅଧିଗ୍ରହଣ କରି ଖଣି କାର୍ଯ୍ୟ କରାଗଲା । ଏହି ଜମିରୁ ଅଧା ବାହାଲ ଜମି ଥିଲା ଓ ଭଲ ଚାଷ ହେଉଥିଲା । ଧାନ ଫସଲ ବ୍ୟତୀତ ଭୂଇଁ ଚଣା ଚାଷ ହେଉଥିଲା । ମାତ୍ର କମ୍ପାନୀ ଲୋଭରେ ପଡ଼ି ଶାଗ ମାଛ ଦରରେ ସେତେବେଳେ ଲୋକେ କମ୍ପାନୀକୁ ଜମି ଦେଇ ଦେଲେ । କମ୍ପାନୀ ଜମି ଅଧିଗ୍ରହଣ କରିବା ପରେ ଲୋକଙ୍କ ଚାଷ ବନ୍ଦ ହୋଇଗଲା । ଜମି ଦେଇଥିବା ଲୋକଙ୍କୁ ରୋଜଗାର ଓ ଚାକିରିର ପ୍ରଲୋଭନ ଦେଖାଇ ଜମି ଅଗ୍ରହଣ କରାଗଲା । କିଛିଦିନ ଶ୍ରମିକ ଲଗାଇ ଖଣିରେ କାମ ଚାଲିଲା ମାତ୍ର ପରେ ମେସିନ ଯୋଗେ କାମ ହେବାରୁ ସେହି ଲୋକଙ୍କୁ ଛଟେଇ କରାଗଲା । ୧୯୯୪ ପରଠୁ ସବୁ କାମ ପ୍ରାୟତଃ ମେସିନରେ କରାଗଲା । ଛଟେଇ ପରେ କମ୍ପାନୀ ମନଇଚ୍ଛା ଖଣି ଉତ୍ତୋଳନ କରି ଅନ୍ୟ ରାଜ୍ୟକୁ କଞ୍ଚାମାଲ ପରିବହନ କଲା । ଧାର୍ଯ୍ୟ ମାତ୍ରାଠାରୁ ଢ଼େର ଅଧିକ ଖଣିଜ ଉତ୍ତୋଳନ କରାଗଲା । ଏହାର ପ୍ରତିବାଦ କରିବାକୁ କେହି ନଥିଲେ । ୨୦୧୪ରୁ ଜିପିଏସ ବ୍ୟବସ୍ଥାରେ ଖଣିର ମାପ କରାଗଲା ପରେ କିଛିଟା ରୋକ୍ ଲାଗିଲା । ତେବେ ଯେଉଁ ଜମିରୁ ଉତ୍ତୋଳନ ହୋଇଛି ସେଠାରେ ୧୫୦ ଫୁଟ ଗଭୀର ୪୦୦ ମିଟର ଲମ୍ବା ଗାତ ହୋଇଛି । ଏହି ଗାତରେ ଭରପୁର ପାଣି ରହୁଛି । ଏବେ ଆଉ ଖଣି ଉତ୍ତୋଳନ ହେଉନାହିଁ । ଯେତିକି ଜମି ଅଧିଗ୍ରହିତ ହୋଇଥିଲା ସେତିକି ଜମି ଉପଯୋଗ ହେଲା ନାହିଁ । କମ୍ପାନି ଅଧାନରେ ରହିଲା ।

୨୦୨୩ରେ ଏଠାରେ ଥିବା ଏସିସି ସିମେଣ୍ଟ କମ୍ପାନୀ ବିକ୍ରି ହୋଇଯିବା ପରେ ଏବେ ବନ୍ଦ ହୋଇଯାଇଛି । ସିମେଣ୍ଟ କାରଖାନା ଓ ଡୁଙ୍ଗୁରୀରୁ କର୍ମଚାରୀ ଛଟେଇ ହେବା ସହ ଏବେ ଡୁଙ୍ଗୁରୀ ଶ୍ରୀହୀନ ହୋଇପଡ଼ିଛି । ଏସିସିକୁ ଆଦାନୀ କମ୍ପାନୀ ନେବା ପରେ ଏହା ଅଧିକ କର୍ମଚଞ୍ଚଳ ହେବା ଆଶା କରାଯାଉଥିଲା । ମାତ୍ର ପରିସ୍ଥିତି ଓଲଟା ହୋଇଛି । ଡୁଙ୍ଗୁରୀର କିଛି ଜମି ପୂର୍ବରୁ ହୀରାକୁଦ ବନ୍ଧରେ ଯାଇଥିଲା । ଏବେ ଆଉ କିଛି ଜମି ଖଣି ଓ ସିମେଣ୍ଟ କମ୍ପାନୀ ପାଇଁ ଗଲା । ଶସ୍ୟ ଶ୍ୟାମଳା ଜମି ଥିବା ଲୋକେ ଏବେ ଦାଦନ ଖଟିବାକୁ ବାଧ ହେଉଛନ୍ତି । ଭୂମିହୀନ ହୋଇ ଦାଣ୍ଡର ଭିକାରୀ ଭଳି ଅବସ୍ଥା ହୋଇଗଲାଣି । ଯେଉଁ ଜମି ବାକି ଅଛି ସେଠାରେ ଅକାତ କାତ ପାଣି ଥିବା ଖଣିର ଗାତ । ତାକୁ ଉପଯୋଗ କଲେ ଲୋକେ ଉପକୃତ ହୁଅନ୍ତେ । ମାତ୍ର କମ୍ପାନୀ ତାହା କରୁନାହିଁ । ଏବେ ସମସ୍ତଙ୍କୁ ବେରୋଜଗାର କରୁଛି । ଡୁଙ୍ଗୁରୀ ହୀରାକୁଦ ଜଳଭଣ୍ଡାରର ପାଦଦେଶରେ ଥିଲେ ମଧ ସବୁଠୁ ବଡ଼ ସମସ୍ୟା ହେଲା ଜଳ । ଯେଉଁ ଜମିରେ ୭ରୁ ୮ ଫୁଟ ତଳେ ପାଣି ବାହାରୁଥିଲା ଏବେ ସେଠାରେ ୨୦୦ ଫୁଟ ତଳକୁ ପାଣି ଖସିଗଲାଣି । ସାଧାରଣ ଲୋକେ ପାଣି ଅଭାବରୁ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଡୁଙ୍ଗୁରୀର ଫସଲରେ ଲଖନପୁର ଓ ଉତ୍ତମ ଆଦି ଗାଁର ଲୋକଙ୍କ ଗୁଜୁରାଣ ମେଣ୍ଟୁଥିଲା । ଏବେ ଡୁଙ୍ଗୁରୀ ମରୁଭୂମି ହେବାକୁ ବସିଲାଣି । ଦୁଇଟି ୱାର୍ଡରେ ଥିବା ୧୮ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ଗାଁ ଡୁଙ୍ଗୁରୀ ଏବେ ଭୂମିହୀନ ଓ ବେରୋଜଗାରଙ୍କ ଗାଁ ହୋଇଗଲାଣି । ଗାଁରେ ଥିବା ଉଠା ଜଳସେଚନ ପଏଣ୍ଟ ବନ୍ଦ ହୋଇଗଲେ ଲୋକଙ୍କୁ ପାଣି ବୁନ୍ଦାଏ ମିଳିବା ବି ଅସମ୍ଭବ ହୋଇଯିବ । ବରଗଡ଼ ଜିଲ୍ଲାକୁ ଶିଳ୍ପ ପାଇଁ ପରିଚିତ କରିଥିବା ଡୁଙ୍ଗୁରୀ ଏବେ ନିଜର ପରିଚୟ ପାଇଁ ସଂଘର୍ଷ କରୁଛି ।

## ଖାଉଟି ଅଦାଲତରେ ୨ ଘରୋଇ କମ୍ପାନୀ ଦଣ୍ଡିତ

ଝାରସୁଗୁଡ଼ା: ଗ୍ରାହକମାନଙ୍କୁ ସେବା ପ୍ରଦାନରେ ବିଫଳ ଅଭିଯୋଗରେ ଜିଲ୍ଲା ଖାଉଟି ଅଦାଲତ ଏସ୍‌ବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସ ଓ ସାମସଙ୍ଗ ଇଣ୍ଡିଆକୁ ଦଣ୍ଡିତ କରିଛନ୍ତି । ଜିଲ୍ଲା ଖାଉଟି ଅଦାଲତ ସଭାପତି ଜିଗୀଷା ମିଶ୍ର ଓ ସଦସ୍ୟ ଅଞ୍ଜୁ ଅଗ୍ରୱାଲ ଏହି ରାୟ ଶୁଣାଇଛନ୍ତି । ବିବରଣୀରୁ ପ୍ରକାଶ ଯେ, ଲଇକେରା ଥାନା କିର୍ମିରାର ଗୁରବାରୀ ହାତୀଙ୍କ ସ୍ୱାମୀ ନାନୁ ହାତୀଙ୍କର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଅନ୍ତର୍ଗତ ଏସ୍‌ବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସରୁ ଏକ ପଲିସି କିଣିଥିଲେ । ୨୦୧୫ ମସିହା ଜୁନ୍ ପହିଲାରୁ ପଲିସି ପାଇଁ ପ୍ରିମିୟମ୍ କଟିଥିବା ବେଳେ ପଲିସି ଆରମ୍ଭ ହୋଇଥିଲା । ୨୦୨୩ ମସିହା ଅଗଷ୍ଟ ୨୯ ତାରିଖରେ ନାନୁ ହାତୀଙ୍କର ମୃତ୍ୟୁ ଘଟିଥିଲା । ଶ୍ରୀ ହାତୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଲିଗାଲ ହେୟାର ଭାବେ ମୃତ୍ୟୁକାଳୀନ ରାଶି ପାଇଁ ଏସ୍‌ବିଆଇ ଲାଇଫ୍ ନିକଟରେ ଆବେଦନ କରିଥିଲେ । କିନ୍ତୁ ଏସ୍‌ବିଆଇ ଲାଇଫ୍ କର୍ତ୍ତୃପକ୍ଷ ଦସ୍ତାବିଜ୍ ନେଇ ଚୁପ୍ ରହିଯାଇଥିଲେ । ୨୦୨୪ ମସିହା ଜାନୁଆରି ୨୫ ତାରିଖରେ ଏକ ଚିଠି ଯୋଗେ ଶ୍ରୀମତୀ ହାତୀଙ୍କୁ ଯୋଗାଯୋଗ କରି କ୍ଲେମ୍ ରଦ୍ଧ ହୋଇଯାଇଥିବା ନେଇ ଏସ୍‌ବିଆଇ ଲାଇଫ୍ ପକ୍ଷରୁ ସୂଚନା ଦିଆଯାଇଥିଲା । ନାନୁ ହାତୀଙ୍କର ପଲିସି କରାଯିବା ବେଳେ ଭୁଲ୍ ବୟସ ଲେଖାଯାଇଥିବାରୁ ଆବେଦନ ରଦ୍ଧ ହୋଇଥିବା ଏଥିରେ ଦର୍ଶାଯାଇଥିଲା । କିନ୍ତୁ ସେଭଳି କୌଣସି ସମସ୍ୟା ନ ଥିବା କହି ତାଙ୍କ ସ୍ତ୍ରୀ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଖାଉଟି ଅଦାଲତ ଏହି ମାମଲାର ବିଚାର କରି ଏସବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସକୁ ଦଣ୍ଡିତ କରିଥିବା ବେଳେ ଅଭିଯୋଗକାରୀଙ୍କୁ ୧ ମାସ ମଧ୍ୟରେ ୨ ଲକ୍ଷ ଟଙ୍କାର ଡେଥ୍‌କ୍ଲେମ୍, ସେବା ପ୍ରଦାନରେ ଅବହେଳା ଯୋଗୁଁ ୬୦ ହଜାର ଟଙ୍କା କ୍ଷତିପୂରଣ ଓ ମାମଲା ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ୧ ମାସ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ଏକ ମାମଲାରେ ଝାରସୁଗୁଡ଼ା ସହରର ମାରୱାଡ଼ି ପଡ଼ାର ରାଜେଶ ଅଗ୍ରୱାଲ ୨୦୨୪ ମସିହା ନଭେମ୍ବର ୨ ତାରିଖରେ ସରବାହାଲ ରୋଡ଼ସ୍ଥିତ ରିଲାଏନ୍ସ ଡିଜିଟାଲରୁ ଏକ ଫ୍ରିଜ କିଣିଥିଲେ । କିନ୍ତୁ ୪୫ ଦିନ ପରେ ଫ୍ରିଜଟି ଅଚଳ ହୋଇଯିବାରୁ ସେ ସାମସଙ୍ଗର କଷ୍ଟମର କେୟାରକୁ ଫୋନ୍ କରି ଅଭିଯୋଗ କରିଥିଲେ । ଏହାପରେ ଜଣେ ଟେକ୍ନିସିଆନ୍ ଆସି ଯାଞ୍ଚ କରିବା ପରେ ଫ୍ରିଜରେ ତିଆରି ସମୟରେ ତ୍ରୁଟି ରହିଥିବା ନେଇ ସାମସଙ୍ଗ ଇଣ୍ଡିଆକୁ ଅବଗତ କରିଥିଲେ । ଏହାପରେ ସାମସଙ୍ଗ ଇଣ୍ଡିଆ ଶ୍ରୀ ଅଗ୍ରୱାଲଙ୍କ ଫ୍ରିଜ ବଦଳି କରିବାକୁ ପରାମର୍ଶ ଦେଇଥିଲା । ମାତ୍ର ଶ୍ରୀ ଅଗ୍ରୱାଲ ପୁଣି ଥରେ ସାମସଙ୍ଗର ଫ୍ରିଜ ନ ନେଇ ଟଙ୍କା ଫେରସ୍ତ କରିବାକୁ ଦାବି କରିଥିଲେ । କିନ୍ତୁ କମ୍ପାନି ଟଙ୍କା ଫେରସ୍ତ ନ କରିବାରୁ ଶ୍ରୀ ଅଗ୍ରୱାଲ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ଅଦାଲତ ଏହି ମାମଲାର ବିଚାର କରି ସାମସଙ୍ଗ ଇଣ୍ଡିଆକୁ ଦଣ୍ଡିତ କରିଥିବା ବେଳେ ଅଭିଯୋଗକାରୀଙ୍କୁ ଫ୍ରିଜ ବାବଦ ୪୭,୨୬୨ ଟଙ୍କା, କ୍ଷତିପୂରଣ ବାବଦକୁ ୨୦ ହଜାର ଟଙ୍କା ଓ ମାମଲା ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ୧ ମାସ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପାଇପଲାଇନ ପାଇଁ ଜଙ୍ଗଲ ଜମି ଓ ପାହାଡ଼ କଟା

ହୀରାକୁଦ: ୧୯୫୭ ମସିହାରେ ଚାଷୀଙ୍କ ବିକାଶ ପାଇଁ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ କରାଯାଇଥିବା ବେଳେ ଏବେ ଏହା ଏକ କାରଖାନା କବ୍ଜାରେ ରହିଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି । ଝାରସୁଗୁଡ଼ା ଏବଂ ସମ୍ବଲପୁର ଜିଲ୍ଲାର ଅନେକ କଳକାରଖାନା ସିଧାସଳଖ ହୀରାକୁଦ ଜଳଭଣ୍ଡାରରୁ ପାଣି ନେଉଥିବା ବେଳେ କେବଳ ହିଣ୍ଡାଲକୋ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀରୁ ପାଣି ନେଉଛି । ଏହା ବିରୋଧରେ ଗତ ୩୦ ବର୍ଷ ନ ହେଲା ଚାଷୀମାନେ ଆନ୍ଦୋଳନ କରିଚାଲିଛନ୍ତି, କିନ୍ତୁ ସରକାର କିଛି ଶୁଣୁନାହାନ୍ତି । ପୂର୍ବରୁ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀରୁ ୨ଟି ପାଇପଲାଇନ ଯୋଗେ ଉକ୍ତ କାରଖାନାକୁ ଜଳ ଯୋଗାଣ ହେଉଥିଲା । କିନ୍ତୁ ଏବେ ତୃତୀୟ ଲାଇନ ପାଇପ ପକାଇବାକୁ ଗତ କିଛି ଦିନ ହେଲା କାମ ଆରମ୍ଭ ହୋଇଛି । ଜଙ୍ଗଲ ଜମି ଓ ପାହାଡ଼ କାଟି ପାଇପ ଲାଇନ ବିଛା ଚାଲିଛି । ଏହାକୁ ନେଇ ଚାଷୀ ଅସନ୍ତୋଷ ଦେଖା ଦେଇଛି । କାରଣ ଏହି ପାଇପ ଲାଇନ ଯୋଗୁଁ ୧୦ଟି ଗ୍ରାମର ଚାଷ ପାଇଁ ଜଳଯୋଗାଣ ବାଧାପ୍ରାପ୍ତ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । କାରଖାନା ଠାରୁ ଅଧିକ ଦେଶକୁ ଚାଷୀ ବଞ୍ଚାଉଛି ବୋଲି ସରକାର ନାରା ଦେଉଛନ୍ତି । କିନ୍ତୁ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ ଉପରେ ନିର୍ଭର କରୁଥିବା ଚାଷୀଙ୍କ ପ୍ରତି ଅନ୍ୟାୟ କରାଯାଉଛି ଏନେଇ ଚାଷୀମାନେ ଜଳସମସ୍ୟା ସମ୍ପର୍କରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜିଲ୍ଲାପାଳଙ୍କୁ ଜଣାଇ ସାରିଛନ୍ତି । ତଥାପି ପାଇପ ବିଛାଇବା ପାଇଁ ପାହାଡ଼ ଫଟା ଯାଉଥିବା ଦେଖିବାକୁ ମିଳିଛି । ପୂର୍ବରୁ ହିଣ୍ଡାଲକୋ ଦୁଇଟି ପାଇପରେ କେନାଲରୁ ସେକେଣ୍ଡ ପିଛା ୧୪ କ୍ୟୁସେକ ଜଳ ଟାଣୁଥିଲା, ଏବେ ତୃତୀୟ ଲାଇନ ଚାଲୁହେଲେ ଅଧିକ ୪ କ୍ୟୁସେକ ଜଳ ଟାଣିବ । ତୃତୀୟ ପାଇପ ଲାଇନ କାର୍ଯ୍ୟକ୍ଷମ ହେଲେ ଆସନ୍ତାବର୍ଷ ରବିଚାଷ ସମୟରେ ୩ ପଞ୍ଚାୟତର ୩୫ ଗ୍ରାମର ଚାଷ ପାଇଁ ଜଳ ମିଳିବା କଷ୍ଟକର ହୋଇଯିବ । ଏହାକୁ ତୁରନ୍ତ ରୋକା ନ ଗଲେ ଭାତହଣ୍ଡି ବୋଲାଉଥିବା ପଶ୍ଚିମାଞ୍ଚଳ ଶୁଖି ପଡ଼ିବ ।

## ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ ରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର: ନୂଆଦିଲ୍ଲୀ ଠାରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା- ୨୦୨୫ରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାରକରି ଗୋଲ୍ଡ ମେଡାଲ ହାସଲ କରିଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଅବସରରେ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଙ୍ଗଠନ (ଇଣ୍ଡିଆ ଟ୍ରେଡ୍ ପ୍ରମୋସନ ଅର୍ଗାନାଇଜେସନ) ତରଫରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ସମୁଦାୟ ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗଦେଇଥିଲେ । ଓଡ଼ିଶା ସାମଗ୍ରିକ ପ୍ରଦର୍ଶନ କ୍ଷେତ୍ରରେ ଉତ୍କର୍ଷ ଲାଭକରି ଏହି ସଫଳତା ହାସଲ କରିଛି । କ୍ରମାଗତ' ଚତୁର୍ଥ ଥର ପାଇଁ ଓଡ଼ିଶା ଉକ୍ତ ପୁରସ୍କାର ପାଇବା ସହ ଏଥିରକୁ ମିଶାଇ ୨ ଥର ଗୋଲ୍ଡ ମେଡାଲ ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ରାଜ୍ୟ ସରକାରଙ୍କର ୯ଟି ବିଭାଗର ୨୬ଟି ଷ୍ଟଲ ସ୍ଥାନିତ ହୋଇଥିଲା । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ଏବଂ ଏକ୍ ଭାରତ ଶ୍ରେଷ୍ଠ ଭାରତର ଆଭିମୁଖ୍ୟକୁ ଏହି ପ୍ରଦର୍ଶନୀ ମାଧମରେ ଉପସ୍ଥାପନ କରାଯାଇଛି । ମୁଖ୍ୟମନ୍ତ୍ରୀ ଗତ ୨୨ ତାରିଖରେ ଓଡ଼ିଶା ରାଜ୍ୟ ଦିବସ ସମାରୋହ ପାଳନ ଅବସରରେ ଓଡ଼ିଶା ମଣ୍ଡପ ବୁଲି ଦେଖିବା ସହ ଓଡ଼ିଶାର କଳା, ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra


## ସମ୍ବଲପୁରରେ ହେବ ପଶ୍ଚିମ ଓଡ଼ିଶା ଦିବ୍ୟଜୀବନ ସଂଘର ଆଧାତ୍ମିକ ସମ୍ମିଳନୀ

ସମ୍ବଲପୁର : ଆସନ୍ତା ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଡିଟୋରିୟମରେ ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘର ତ୍ରିଦିବସୀୟ ଆଧାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଋଷିକେଶ ସ୍ଥିତ ଦିବ୍ୟଜୀବନ ସଂଘ ମୁଖ୍ୟ କାର୍ଯ୍ୟାଳୟର ଉପସଭାପତି ସ୍ୱାମୀ ନିର୍ମିଳାନନ୍ଦ ସରସ୍ୱତୀ, ପୁରୀ ଗଜପତି ଦିବ୍ୟସିଂ ଦେବ, ଦିବ୍ୟଜୀବନ ସଂଘର ସାଧାରଣ ସମ୍ପାଦକ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ, ବଲାଙ୍ଗୀର ବିଶ୍ୱାତ୍ମା ଚେତନା ପରିଷଦର ଅଧକ୍ଷ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ, ଭୁବନେଶ୍ୱର ଉତ୍କଳ ଯୋଗ ବିଦ୍ୟାଳୟର ମୁଖ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ, ଋଷିକେଶର ଶିବାନନ୍ଦ ଆଶ୍ରମର ସ୍ୱାମୀ ଧର୍ମନିଷ୍ଠାନନ ସରସ୍ୱତୀ, ରାଉରକେଲା ବେଦବ୍ୟାସ ଆଶ୍ରମର ସ୍ୱାମୀ ବ୍ରହ୍ମସାକ୍ଷାତକାରାନନ୍ଦ ସରସ୍ୱତୀ, ଗହମ ଶିବାନନ୍ଦ ସେବାଗ୍ରାମର କୃଷ୍ଣଦାସାନନ୍ଦ ସରସ୍ୱତୀ, ସୁନ୍ଦରଗଡ଼ ଆର୍ଷବିଦ୍ୟା ସାଧାୟର ସ୍ୱାମୀ ତନିଷ୍ଠାନନ୍ଦ ସରସ୍ୱତୀ, ସମ୍ବଲପୁର ଚିନ୍ମୟ ମିଶନର ସ୍ୱାମୀନୀ ବିଷ୍ଣୁପ୍ରିୟା ନନ୍ଦ ସରସ୍ୱତୀ ଏବଂ ସମ୍ବଲପୁର ଗୋପାଳଜୀ ମଠର ମହନ୍ତ ହୃଷିକେଶ ଦାଶ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜମନ୍ତ୍ରୀ ରବିନାରାୟଣ ନାୟକ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଅଧିବେଶନ ସାଙ୍ଗକୁ ଯୋଗାସନ ଏବଂ ମନ୍ତ୍ରଦୀକ୍ଷାର କାର୍ଯ୍ୟକ୍ରମ ମଧ ରହିଛି । କାର୍ଯ୍ୟକ୍ରମର ସଫଳତା ପାଇଁ ପଶ୍ଚିମ ଓଡ଼ିଶା ଦିବ୍ୟଜୀବନ ସଂଘ ସମନ୍ୱୟ ସମିତିର ଆବାହକ ପ୍ରଫେସର ମୀନକେତନ ପାଠୀଙ୍କ ନେତୃତ୍ୱରେ ଜୋରଦାର ପ୍ରସ୍ତୁତି ଚାଲିଛି ।

ଶ୍ରୀକ୍ଷେତ୍ର
30 November - 06 December 2025


## ଦେବଗଡ଼ର ନେତ୍ରାନନ୍ଦ ସାହୁ ପାଇଲେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ଦେବଗଡ଼ : ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ୨୦୨୩ ବର୍ଷ ପାଇଁ ଦେବଗଡ଼ର ବର୍ଷିୟାନ୍ କଳାକାର ନେତ୍ରାନନ୍ଦ ସାହୁଙ୍କୁ ସମ୍ମାନଜନକ ସଙ୍ଗୀତ



ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ଦୀର୍ଘ ଛଅ ଦଶନ୍ଧି ଧରି ବିଶେଷତଃ ବହୁରୂପୀ ପ୍ରତିଯୋଗିତା ଓ ମଞ୍ଚ ନାଟକ ସହ କଳାକୁଞ୍ଜ ପ୍ରସ୍ତୁତି, ଅପେରା, ଗାଁ ଯାତ୍ରାରେ ପୌରାଣିକ ତଥା ଆଧାତ୍ମିକ ଚରିତ୍ର କଳାକାରଙ୍କ ରୂପସଜ୍ଜା କରି ନେତ୍ରା ଦା' ନାଁରେ ପରିଚିତ ଏହି ପରଦା ପଛର ନାୟକ ୭୧ ବର୍ଷିୟ ଶ୍ରୀ ସାହୁଙ୍କୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ମାନ ପ୍ରଦାନ କରାଯାଇଛି ।

ସୂଚନାଯୋଗ୍ୟ ରାଜୁଆଡ଼ି ଅମଳରେ ଚିତ୍ରାଳୟ ପ୍ରତିଷ୍ଠା କରିଥିବା ବାପା ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ସାହୁଙ୍କ ପ୍ରୋତ୍ସାହନରେ ଶ୍ରୀ ସାହୁ ମାତ୍ର ୧୪ ବର୍ଷ ବୟସରୁ ବିଭିନ୍ନ ନାଟକ, ବହୁରୂପୀ ପ୍ରତିଯୋଗିତା, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରଙ୍କ ରୂପସଜ୍ଜା କାମ ଶିଖିବା ଆରମ୍ଭ କରିଥିଲେ । ପିତାଙ୍କ ଅନ୍ତେ ନେତ୍ରାନନ୍ଦ ନିଜର ଯୁବାବସ୍ଥାରେ ଲୋକଙ୍କ ବିବାହ ପାଇଁ ମୁକୁଟ, କର୍ପୁର ମାଳ ଓ ମନଲୋଭା ପୂଜାମେଢ଼ ପ୍ରସ୍ତୁତ କରି ବ୍ୟବସାୟ କରିବା ସହ ପରବର୍ତ୍ତୀ ସମୟରେ ଈଶ୍ୱରଚନ୍ଦ୍ର ଚିତ୍ରାଳୟ ନାମକ ଏକ ଅନୁଷ୍ଠାନ ସ୍ଥାପନ କରିଥିଲେ ଯାହାକି ଜିଲ୍ଲା ତଥା ଜିଲ୍ଲା ବାହାରେ ସୁନାମ ଅର୍ଜନ କରିବା ସହ ଆଜି ପର୍ଯ୍ୟନ୍ତ ରୂପସଜ୍ଜା କ୍ଷେତ୍ରରେ କଳାକାରଙ୍କ ପ୍ରଥମ ପସନ୍ଦ ରହିଛି । ସେହିପରି ଶ୍ରୀ ସାହୁ ଦେବଗଡ଼ର ପ୍ରସିଦ୍ଧ ଗଣେଶ ମେଳା ମଣ୍ଡପର ଚତୁଃପାର୍ଶ୍ୱରେ ସାଜସଜ୍ଜା ଓ କଳାକୁଞ୍ଜ ସ୍ଥାପନ କରିବାସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ହେଉଥିବା କୌତୁକ ପୋଷାକ ପ୍ରତିଯୋଗିତା, ବାର୍ଷିକ ଉତ୍ସବ ଓ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା କଳାକାରଙ୍କୁ ନିଖୁଣ ରୂପସଜ୍ଜା କରିଆସୁଛନ୍ତି । ଫଳରେ ଜୀବନବ୍ୟାପୀ ରୂପସଜ୍ଜା ସାଧନା କରି ବାମଣ୍ଡା କଳାକାର ସଂଘ ସଦସ୍ୟ ଶ୍ରୀ ସାହୁଙ୍କୁ ସରକାରୀ ଭାବେ ସ୍ୱୀକୃତି ଓ ପୁରସ୍କାର ମିଳିଛି ।

## ସମ୍ବଲପୁରର ୬ ଜଣଙ୍କୁ ସଂଗୀତ ନାଟକ ଏକାଡେମୀ ପୁରସ୍କାର

ସମ୍ବଲପୁର : ନୃତ୍ୟ, ସଂଗୀତ ଓ ନାଟକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ସମ୍ବଲପୁରର ୬ ଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଚଳିତ ବର୍ଷ ୨୦୨୩, ୨୦୨୪ ଏବଂ ୨୦୨୫ ବର୍ଷ ପାଇଁ ଏକାସାଂଗରେ ଭୁବନେଶ୍ୱରରେ ଏକ ବର୍ଣ୍ଣାଢ୍ୟ ସମାରୋହରେ ପୁରସ୍କାର ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ । ୨୦୨୩ ପ୍ରଦର୍ଶନ କଳା କ୍ଷେତ୍ରର ଗବେଷକ ଭାବେ ଡକ୍ଟର ଶ୍ୟାମସୁନ୍ଦର ଧରଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ୨୦୨୪ ମସିହା ନିମନ୍ତେ ଅଭିନୟ ପାଇଁ ସତ୍ୟରଂଜନ ବେହେରା, ସଂଗୀତ ନିର୍ଦ୍ଦେଶନା ପାଇଁ ପ୍ରଫୁଲ୍ଲ କୁମାର ମିତ୍ର ଏବଂ ଲୋକସଂଗୀତ ପାଇଁ ପଦ୍ମିନୀ ଦୋରାଙ୍କୁ ଏକାଡେ଼ମୀ ପୁରସ୍କାର ପ୍ରଦାନ କରାଯାଇଛି । ନୃତ୍ୟକ୍ଷେତ୍ରରେ ଅବଦାନ ନିମନ୍ତେ ସନ୍ଧ୍ୟା ସରକାରଙ୍କୁ ଉପାୟନ ପ୍ରଦାନ କରାଯାଇଛି । ଅସୁସ୍ଥତା ଯୋଗୁଁ ସନ୍ଧ୍ୟା ସରକାର ରାଜଧାନୀକୁ ଯାଇ ପାରିନଥିବା ବେଳେ ତାଙ୍କ ପକ୍ଷରୁ ଅନ୍ୟ




ଜଣେ ଉପାୟନ ଗ୍ରହଣ କରିଥିଲେ । ସେହିପରି ଲୋକଗୀତ କ୍ଷେତ୍ରରେ ସୌମ୍ୟଜିତ୍ ସୌମିତ୍ରୀ ବଡ଼ପଣ୍ଡାଙ୍କୁ ୨୦୨୪ ମସିହା ପାଇଁ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନୃତ୍ୟ, ସଙ୍ଗୀତ ଓ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ ହୋଇଥିବା ୮ଜଣ କଳାକାରଙ୍କୁ 'ଉକିଆ' ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଅନୁଷ୍ଠାନର ସମ୍ପାଦକ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ପୁରସ୍କାର ପାଇଥିବା ଡକ୍ଟର ଶ୍ୟାମସୁନ୍ଦର ଧର, ସନ୍ଧ୍ୟାରାଣୀ ସରକାର, ପ୍ରଫୁଲ୍ଲ ମିତ୍ର, ପଦ୍ମିନୀ ଦୋରା, ସୌମ୍ୟ ବଡ଼ପଣ୍ଡା, ସତ୍ୟରଞ୍ଜନ ବେହେରାଙ୍କ ସହ ଉକିଆ ସଦସ୍ୟ ବଲାଙ୍ଗିରର ରଞ୍ଜନ ପଟ୍ଟନାୟକ ଏବଂ ବାସୁଦେବ ସାଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶଙ୍କର ପ୍ରଧାନ, ଦୀପାଳି ଚୌଧୁରୀ, ମୋହିତ ସ୍ୱାଇଁ, ମନୋଜ ପ୍ରଧାନ, ସ୍ମିତ ପ୍ରଧାନ, ରାଜୀବ ମେହେର, ଅପର୍ଣ୍ଣା ପାଢ଼ୀ, ସୁଶାନ୍ତ ମିଶ୍ରଙ୍କ ସହ ଅନୁଷ୍ଠାନର ବହୁ ସଦସ୍ୟ ଓ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ ।

## ବରଗଡ଼ର ୭ କଳାକାରଙ୍କୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର









ବରଗଡ : ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗର କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ବରଗଡ଼ ଜିଲ୍ଲାରୁ ୭ ଜଣ ବିଶିଷ୍ଟ କଳାକାର ପୁରସ୍କାର ପ୍ରଦାନ କରାଯାଇଛି । ମର୍ଯ୍ୟାଦାଜନକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ପଦ୍ମଶ୍ରୀ ଭାଗବତ ପ୍ରଧାନ, ଲୋକନାଟ୍ୟରେ ପୂର୍ବତନ କଂସ ମହାରାଜ ତଥା ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଉପସଭାପତି ଭୁବନେଶ୍ୱର ପ୍ରଧାନ, ଲୋକ-ବାଦ୍ୟରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ, ଲୋକନୃତ୍ୟରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଗାନ୍ଧୀ ବାରିକ, ଲୋକଗୀତରେ ବିଶିଷ୍ଟ କଣ୍ଠଶିଳ୍ପୀ ରୀନା ଦାଶ, ଯୁବ ପ୍ରତିଭା ସମ୍ମାନରେ ସୁନିଲ ବିଭାର ଓ ରମେଶ ଗୁର୍ଲା ପ୍ରମୁଖଙ୍କୁ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ମାନପତ୍ର, ଉପଢୌକନ ଓ ଆର୍ଥିକ ସହାୟତା ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭା

ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକ ସାଧାରଣ ପରିଷଦ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଆଶୁତୋଷ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭା ପ୍ରାରମ୍ଭରେ ଦିବଙ୍ଗତ ଅବସରପ୍ରାପ୍ତ




କର୍ମଚାରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ବିଶ୍ୱବିଦ୍ୟାଳୟର ସ୍ଥାଣୁତା ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଅଭାବରୁ ଶିକ୍ଷାଦାନ ଓ ପ୍ରଶାସନିକ ସେବା ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଥିବା ଅବସ୍ଥାକୁ ଦୂର କରିବାପାଇଁ ରାଜ୍ୟସରକାର ଏବଂ ଏହି ଅଞ୍ଚଳର ଲୋକପ୍ରତିନିଧିଙ୍କ ସହ ଆଲୋଚନା କରିବା ଏବଂ ସମ୍ବଲପୁର ବିଶ୍ୱ- ବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଭବାନୀ ଶଙ୍କର ହୋତାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଶୀଘ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଅନ୍ୟତମ ଉପଦେଷ୍ଟା ଭାବାନୀ ଶଙ୍କର ହୋତା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବ ଏବଂ ବର୍ତ୍ତମାନ ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ସଭାରେ ପ୍ରଫେସର ସାଧୁ ଚରଣ ପଣ୍ଡା, ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଭବାନୀ ପ୍ରସାଦ ସିଂ, ତନ୍ମୟଭୂଷଣ ପୃଷେଠ, ମହେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସଂଘ ତରଫରୁ ତିନିଜଣ ବରିଷ୍ଠ ସଭ୍ୟ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଲକ୍ଷ୍ମଣ ପ୍ରଧାନ ଓ ପ୍ରସନ୍ନ କୁମାର ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆସନ୍ତା ଦୁଇବର୍ଷ ପାଇଁ ପ୍ରଫେସର ଶଙ୍କର ପ୍ରସାଦ ପତି ସଭାପତି, ପ୍ରଫେସର ନକୁଳ ଚୌଧୁରୀ କାର୍ଯ୍ୟକାରୀ ସଭାପତି, ପ୍ରଫେସର ଆଶୁତୋଷ ନାଏକ, ରତ୍ନଭୂଷଣ ପୃଷେଠ୍, ପ୍ରଫୁଲ୍ଲ କୁମାର ସାହୁ ଉପସଭାପତି, ନୀଳକଣ୍ଠ ମହାପାତ୍ର ସାଧାରଣ ସମ୍ପାଦକ, ଭବାନୀ ପ୍ରସାଦ ସିଂ, ମହେନ୍ଦ୍ର କୁମାର ମିଶ୍ର, ଡକ୍ଟର ସନ୍ତୋଷ କାନୁନ୍‌ଗୋ ଯୁଗ୍ମସମ୍ପାଦକ ଏବଂ ଅଶ୍ୱିନୀ କୁମାର ମିଶ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଡକ୍ଟର ସନ୍ତୋଷ କାନୁନ୍‌ଗୋ ଧନ୍ୟବାଦ ଅର୍ପଣ କରିଥିଲେ ।

## ନଗର ରାଜଭାଷା କାର୍ଯ୍ୟାନ୍ୱୟ ସମିତିର ଷାଣ୍ମାସିକ ବୈଠକ






ବୁର୍ଲା : ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ଷାଣ୍ମାସିକ ବୈଠକ ଜାଗୃତି ବିହାରର ରଜନୀଗନ୍ଧା ହଲରେ ଅନୁଷ୍ଠିତ ହୋଇଯାଇଛି । ଏମ୍‌ସିଏଲ୍‌ର ସି.ଏମ୍.ଡି ଉଦୟ ଅନନ୍ତ କାଓଲେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କୋଲକାତା ପୂର୍ବ କ୍ଷେତ୍ର କାର୍ଯ୍ୟାନ୍ୱୟନ ଉପ ନିର୍ଦ୍ଦେଶକ ବିଚିତ୍ରସେନ୍ ଗୁପ୍ତ ଏବଂ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ବଲପୁର ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କର ପ୍ରତିନିଧିମାନେ ମଧ ଏଥିରେ ଉପସ୍ଥିତ ଥିଲେ । ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷରେ ଉତ୍କୃଷ୍ଟ ରାଜଭାଷା କାର୍ଯ୍ୟ କରିଥିବା କାର୍ଯ୍ୟାଳୟ ଓ ବ୍ୟକ୍ତିବିଶେଷଙ୍କୁ ରାଜଭାଷା ପୁରସ୍କାର ଦିଆ ଯାଇଥିଲା । ଏହାଛଡ଼ା ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା ।


## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଢ଼ୀଙ୍କ ପରଲୋକ

ସମ୍ବଲପୁର : ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଢ଼ୀଙ୍କ ୮୩ ବର୍ଷ ବୟସରେ ହୃଦ୍‌ଘାତରେ କୁଞ୍ଜେଲପଡ଼ା ସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ସେ ତାଙ୍କ ସ୍ତ୍ରୀ, ଦୁଇ ଝିଅ ଏବଂ ନାତିନାତୁଣୀଙ୍କୁ ଛାଡି ଯାଇଛନ୍ତି । ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ରୂପେ ପରିଚିତ ସ୍ୱର୍ଗତ ପାଢ଼ୀ ଜିଲ୍ଲାସ୍କୁଲ ବ୍ୟତୀତ ରେଙ୍ଗାଲିସ୍ଥିତ ଏନ୍.ଆର୍. ହାଇସ୍କୁଲ ଏବଂ ସମ୍ବଲପୁରର ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରେ କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପୁଜାରୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଦୋଳଗୋବିନ୍ଦ ସାହୁ, ରାମେଶ୍ୱର ପାଢ଼ୀ, ବିହାରୀଲାଲ ମହାନ୍ତି, ଅଚ୍ୟୁତାନନ୍ଦ ପଟେ଼ଲ, ରାଧାଚରଣ ମେହେର ଏବଂ ଡକ୍ଟର ପ୍ରତିଭା ଦେବୀ ପ୍ରମୁଖ ଶିକ୍ଷାଦାନ କ୍ଷେତ୍ରରେ ସ୍ୱର୍ଗତ ପାଢ଼ୀଙ୍କ ଅବଦାନ ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



## ପାଲା ଗାୟକ ରାଧେଶ୍ୟାମ ପଣ୍ଡାଙ୍କ ପିତୃ ବିୟୋଗ

ସମ୍ବଲପୁର : ବିଶିଷ୍ଟ ପାଲା ଗାୟକ ରାଧେଶ୍ୟାମ ପଣ୍ଡାଙ୍କ ପିତା ଈଶ୍ୱର ପଣ୍ଡା ଧନକଉଡ଼ା ବ୍ଲକ ବସନ୍ତପୁର ପଞ୍ଚାୟତ ସତିଯୋର ଗାଁର ତାଙ୍କ ବାସଭବରରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା । ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନିପୁଅ, ବୋହୂ, ୨ ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ । ଜଳସେଚନ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ସ୍ୱର୍ଗତ ପଣ୍ଡା ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ । ଏହାଛଡ଼ା ସେ ଗ୍ରାମର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra